ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV

Follow us:

ବର୍ଷ-୬ | ସଂଖ୍ୟା-୪୩ | ମଙ୍ଗଳବାର | ୦୬ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-43 | Tuesday | 06 May 2025 | Bhubaneswar | Pages-8 | Rs. 2.00

## ପାକିସ୍ତାନ ସହ ତିକ୍ତତା ମଧ୍ୟରେ ପିଏମ୍ ମୋଦିଙ୍କ ସହ କଥାବାର୍ତ୍ତା ହେଲେ ପୁଟିନ



ନୂଆଦିଲ୍ଲୀ, ୫।୫ (ହି.ସ): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ୍ କରି ପହଲଗାମରେ ହୋଇଥିବା ଆତଙ୍କୀ ହମଲାର କଡ଼ା ନିନ୍ଦା କରିଛନ୍ତି। ରାଷ୍ଟ୍ରପତି ପୁଟିନ ଏହି ହମଲାରେ ନିର୍ଦ୍ଦୋଷ ଲୋକଙ୍କ ମୃତ୍ୟୁରେ ସମ୍ବେଦନା ବ୍ୟକ୍ତ କରି କହିଛନ୍ତି କି, ଆତଙ୍କବାଦ ବିରୋଧରେ ଭାରତର ଲଢେଇରେ ରୁଷର ପୂରା ସମର୍ଥନ ଅଛି। ଏହାସହ ସେ ଏହି କଥା ଉପରେ ମଧ୍ୟ ଜୋର ଦେଇଛନ୍ତି ଯେ, ଏହି ଭୀରୁତାପୂର୍ଣ୍ଣ ହମଲାର ଅଭିଯୁକ୍ତଙ୍କୁ ଓ ତାଙ୍କର ସମର୍ଥକଙ୍କୁ ଖୁବ୍ କଡ଼ା ଦଣ୍ଡ ମିଳିବା ଉଚିତ। ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜାୟସୱାଲ ଉଭୟ ନେତାଙ୍କ ମଧ୍ୟରେ ହୋଇଥିବା ଏହି କଥାବାର୍ତ୍ତା ବିଷୟରେ ସୋସିଆଲ ମିଡ଼ିଆରେ ଏକ ପୋଷ୍ଟରେ ଲେଖିଛନ୍ତି, ରାଷ୍ଟ୍ରପତି ପୁଟିନ ପିଏମ ମୋଦିଙ୍କୁ ଫୋନ୍ କରି ପହଲଗାମରେ ହୋଇଥିବା ଆତଙ୍କୀ ହମଲାର କଡ଼ା ନିନ୍ଦା କରିଛନ୍ତି। ସେ ନିର୍ଦ୍ଦୋଷ ଲୋକଙ୍କ ମୃତ୍ୟୁରେ ନିଜର ସମ୍ବେଦନା ବ୍ୟକ୍ତ କରିଛନ୍ତି ଏବଂ ଆତଙ୍କବାଦ ବିରୋଧରେ ଲଢେଇରେ ଭାରତକୁ ପୂରା ସମର୍ଥନ ଦେବା କଥା କହିଛନ୍ତି। ଏହା ବ୍ୟତୀତ ସେ ଏହି କଥା ଉପରେ ମଧ୍ୟ ଜୋର ଦେଇଛନ୍ତି ଯେ, ଆତଙ୍କବାଦୀଙ୍କୁ ଓ ତାଙ୍କର ସମର୍ଥକଙ୍କୁ କଠିନରୁ କଠିନ ଦଣ୍ଡ ମିଳିବା ଉଚିତ। ରୁଷର ରାଷ୍ଟ୍ରପତି ପୁଟିନଙ୍କର ଏହି ଫୋନ୍ ଏମିତି ସମୟରେ ଆସିଛି, ଯେବେ ଗତ ମାସରେ ୨୨ ଅପ୍ରେଲରେ ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କୀ ହମଲାରେ ୨୬ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେବେଠାରୁ ଭାରତ ଓ ପାକିସ୍ତାନର ସମ୍ବନ୍ଧ ଲଗାତାର ବିଗିଡ଼ିବାରେ ଲାଗିଛି। ଜାୟସୱାଲ ଲେଖିଛନ୍ତି, ପହଲଗାମ ହମଲାକୁ ନେଇ କଥାବାର୍ତ୍ତା ବ୍ୟତୀତ ଉଭୟ ନେତାମାନେ ଭାରତ-ରୁଷର ବିଶେଷ ସମ୍ବନ୍ଧ ଓ ଉତ୍ତମ ରଣନୀତିକ ସମ୍ବନ୍ଧକୁ ଆହୁରି ଭଲ ଭାବେ ମଜବୁତ କରିବାକୁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। କଥାବାର୍ତ୍ତା ବେଳେ ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତି ପୁଟିନଙ୍କୁ ବର୍ଷର ଶେଷରେ ହେବାକୁଥିବା ଶିଖର ସମ୍ମିଳନୀରେ ଭାରତ ଆସିବାକୁ ମଧ୍ୟ ନିମନ୍ତ୍ରଣ ଦେଇଛନ୍ତି ଏବଂ ଏହାସହ ତାଙ୍କୁ ବିଜୟ ଦିବସ ପରେଡ୍ ପାଇଁ ମଧ୍ୟ ଶୁଭକାମନା ଜଣାଇଛନ୍ତି। ଜୟସୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ରୁଷର ବିଜୟ ଦିବସର ୮୦ତମ ବାର୍ଷିକୀ ଅବସରରେ ରାଷ୍ଟ୍ରପତି ପୁଟିନଙ୍କୁ ଶୁଭକାମନା ଦେଇଛନ୍ତି ଏବଂ ତାଙ୍କୁ ଚଳିତ ବର୍ଷର ଶେଷରେ ହେବାକୁଥିବା ବାର୍ଷିକ ଶିଖର ସମ୍ମିଳନୀରେ ସାମିଲ ହେବାକୁ ଭାରତ ନିମନ୍ତ୍ରଣ କରିଛନ୍ତି।

### ଧରଣୀଧର ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ

## ନିଜ ସ୍ୱାଭିମାନ ପାଇଁ ଲଢେଇ କରି ବଞ୍ଚିବା ବିପ୍ଲବୀ ଧରଣୀଧର ଶିଖାଇଛନ୍ତି: ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ୫।୫ (ଡିକେ ନ୍ୟୁଜ୍): ମହାନ ବିପ୍ଳବୀ ଧରଣୀଧର ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସୋମବାର ତାଙ୍କ ଜନ୍ମଭୂମି କେନ୍ଦୁଝର ଜିଲ୍ଲାର କୁସୁମିତା ଠାରେ ମହାସମାରୋହରେ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ୫୦ କୋଟି ଟଙ୍କା ବ୍ୟୟ ବରାଦରେ କୁସୁମୀତା ଠାରେ ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହିତ ଜିଲ୍ଲାରେ ପ୍ରାୟ ୧୧୫୫ କୋଟି ଟଙ୍କା ବ୍ୟୟ ବରାଦର ସମୁଦାୟ ୩୪୦ଟି ନୂତନ ପ୍ରକଳ୍ପର ଘୋଷଣା, ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିପ୍ଳବ ସହିତ ଆଧ୍ୟାତ୍ମିକତାର ପ୍ରତୀକ ଥିଲେ ଧରଣୀଧର। ମହାନ ବିପ୍ଳବୀ ଧରଣୀଧର ଓଡ଼ିଶାରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନରେ ନେତୃତ୍ୱ ଦେଇଥିବା ଏକ ଦୃଢ ସଂଘର୍ଷୀ ନାୟକ। ତାଙ୍କ ଦୃଢ ସଂକଳ୍ପ, ଦେଶପ୍ରେମ ଓ ତ୍ୟାଗ ଆଜି ଯୁବପିଢି ପାଇଁ ପ୍ରେରଣା ସ୍ରୋତ। ରାଜ୍ୟ ସରକାର ତାଙ୍କ ସ୍ମୃତିକୁ ଅମର କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ପୂଜ୍ୟପୂଜା ପରମ୍ପରାକୁ ଗୁରୁତ୍ୱ ଦେଇ ଆଜି ଆମ ସରକାର ସାରା ଓଡିଶାରେ ମହାପୁରୁଷମାନଙ୍କ ଜୟନ୍ତୀ ସେମାନଙ୍କ ଜନ୍ମ




ମାଟିରେ ପାଳନ କରୁଛି। ଏହାହିଁ ଆମ ଅସ୍ମିତାର ପରିଚୟ। ଧରଣୀଧରଙ୍କ ଜୀବନୀ ହିଁ ଆମକୁ ଅଖଣ୍ଡତା ଓ ବିକାଶର ଦିଗରେ କାର୍ଯ୍ୟ କରିବାକୁ ଶିକ୍ଷା ପ୍ରଦାନ କରେ। ଜୀବନର ପ୍ରଥମ ଭାଗ ସେ ବିଦ୍ରୋହ କରି ସ୍ୱାଧୀନତାର ଅଗ୍ନି ଜଳାଇଥିଲେ ଓ ଶେଷ ଭାଗକୁ ସେ ଆଧ୍ୟାତ୍ମିକ ମାର୍ଗରେ ଯାଇ ଦେଶର ସ୍ୱାଧୀନତା ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିଲେ। ଆଜି ଧରଣୀଧର ନାହାନ୍ତି, ତାଙ୍କ ସ୍ମୃତି ଅଛି। ବିପ୍ଳବ କରିବାର ଯେଉଁ ଚେତନା ସେ ସୃଷ୍ଟି କରିଥିଲେ, ସେ ଚେତନା ଅଛି। ଆଜି ସ୍ୱାଧୀନତା ପାଇଁ ଲଢିବାର ନାହିଁ। ଆଜିର ସମୟ ହେଉଛି ବିକାଶ ପାଇଁ ଲଢିବାର ସମୟ। ଦୀର୍ଘ ଦିନ ଧରି କେନ୍ଦୁଝରକୁ ଯେଉଁ ଅବହେଳା ହୋଇଥିଲା, ତାକୁ ଦୂର କରିବାର ସମୟ ଆଜି ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଲଢେଇ କରି ବଞ୍ଚିବା ପାଇଁ ଏ ମାଟିର ବରପୁତ୍ର ଧରଣୀଧର ଆହ୍ୱାନ ଦେଇଥିଲେ ଏବଂ ସେହି ଆହ୍ୱାନକୁ କାମରେ ଲଗାଇ ଆଜି ମୁଁ ମୋ ରାଜ୍ୟର ସେବା କରିବାର ସୁଯୋଗ ପାଇଛି। ଏ ମାଟିର ଶକ୍ତି ଆମକୁ ଆହୁରି ସଶକ୍ତ କରିଛି ଏବଂ ଏକ ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଏହି ଶକ୍ତି ଆମକୁ ପ୍ରେରଣା ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଧରଣୀଧରଙ୍କ ସ୍ମୃତିରେ ଭୁବନେଶ୍ୱରରେ ଏକ ଅତିଥି ଭବନ ପ୍ରତିଷ୍ଠା କରାଯିବ। ଯେଉଁ ସ୍ମୃତି ପୀଠ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି ସେଥିରେ ଧରଣୀଧରଙ୍କ ପୈତୃକ ବାସ ଗୃହର ସଂରକ୍ଷଣ କରାଯିବ ଏବଂ ତାଙ୍କ ବ୍ୟବହୃତ ସାମଗ୍ରୀ ଗୁଡ଼ିକୁ ସୁରକ୍ଷିତ କରି ରଖାଯିବ। ଧରଣୀଧରଙ୍କ ଘର ପାଖରେ ଦୁଇ ଏକର ଜମିରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବା ସହିତ ଏକ ବ୍ୟାଖ୍ୟାନ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏହାକୁ ଏକ ପର୍ଯ୍ୟଟନ ଭାବେ ବିକଶିତ କରିବା ପାଇଁ ପାର୍କ ଓ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦୁଝରରେ ଖୁବଶୀଘ୍ର ଜେଏସଡବ୍ଲୁ ଦ୍ୱାରା ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଷ୍ଟିଲପ୍ଲାଣ୍ଟ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ଏଥିସହିତ କେନ୍ଦୁଝରରେ ସମୁଦାୟ ୧,୨୯,୮୦୦ କୋଟି ଟଙ୍କା ପୁଞ୍ଜିନିବେଶରେ • ପୃଷ୍ଠା ୭ ଦେଖନ୍ତୁ...

### ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଆରମ୍ଭ ହେଲା ଅନ୍ତଃ-ଚିକିତ୍ସା ସେବା ଓ ଟ୍ରମା କେୟାର

## ସ୍ୱାସ୍ଥ୍ୟସେବାକୁ ଏକ ମିଶନ ଭାବେ ଗ୍ରହଣ କରିବା ପାଇଁ ଡାକ୍ତରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



କେନ୍ଦୁଝର, ୫।୫ (ଡିକେ ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର କେନ୍ଦୁଝର ସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଅନ୍ତଃ ଚିକିତ୍ସା ସେବା ଓ ଟ୍ରମା କେୟାର ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କର ଉତ୍ତମ ଚିକିତ୍ସା ହୋଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଦେଶରେ ଦୁର୍ଘଟଣା ଓ ଦୁର୍ଘଟଣା ଜନିତ ମୃତ୍ୟୁହାର ଖୁବ ଅଧିକ। କେନ୍ଦୁଝର ଭଳି ଜିଲ୍ଲାରେ ଖଣି କାରବାର ଯୋଗୁଁ ଅଧିକ ଯାନବାହନ ଚଳାଚଳ ହେଉଛି। ଏହା ସହିତ ଆଗାମୀ ଦିନରେ ଅଧିକ ଶିଳ୍ପ ପ୍ରତିଷ୍ଠା ଓ ଭିତ୍ତିଭୂମିର ବିକାଶ ମଧ୍ୟ କରାଯିବ। ତେଣୁ, ଯାନବାହନ ଚଳାଚଳ ଆହୁରି ବୃଦ୍ଧି ପାଇବ। ଏ କ୍ଷେତ୍ରରେ ଉତ୍ତମ ଟ୍ରମା କେୟାର ବ୍ୟବସ୍ଥା ଲୋକଙ୍କୁ ଆଶୁ ମୃତ୍ୟୁମୁଖରୁ ବଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସରକାର ଗଠନ କରିବାର ଅଳ୍ପଦିନ ମଧ୍ୟରେ ସବୁ ଖଣିଜ ଜିଲ୍ଲା ଗୁଡିକର ମେଡିକାଲ କଲେଜ ଗୁଡିକରେ ଟ୍ରମା କେୟାର ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି କେନ୍ଦୁଝରରେ ଏହା ସ୍ଥାପନ ହୋଇଛି, ଖୁବଶୀଘ୍ର ଅନ୍ୟସ୍ଥାନରେ ମଧ୍ୟ ଟ୍ରମା କେୟାର ସ୍ଥାପନ କରାଯିବ। ସେ କହିଲେ ଯେ ରାଜ୍ୟର ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ହସ୍ପିଟାଲ ଗୁଡିକର ଭିତ୍ତିଭୂମି • ପୃଷ୍ଠା ୭ ଦେଖନ୍ତୁ...

## ମୋଦିଙ୍କୁ ଭେଟିଲେ ପ୍ରତିରକ୍ଷା ସଚିବ

ନୂଆଦିଲ୍ଲୀ, ୫।୫ (ହି.ସ): ଜମ୍ମୁ-କଶ୍ମୀରର ପହଲଗାମରେ ୨୨ ଏପ୍ରିଲରେ ହୋଇଥିବା ଭୀଷଣ ଆତଙ୍କୀ ହମଲା ପରେ ଆକ୍ସନରେ କେନ୍ଦ୍ରର ମୋଦି ସରକାର। ନିକଟରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ ବାୟୁସେନା ମୁଖ୍ୟ। ଏବେ ପୁଣିଥରେ ପିଏମ୍‌ଙ୍କୁ ଭେଟିଛନ୍ତି ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ। ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ବୈଠକକୁ ନେଇ ସଙ୍କେତ ମିଳୁଛି ଯେ, ଭାରତ କଡା କାର୍ଯ୍ୟାନୁଷ୍ଠାନ ନେବା ଦିଗରେ ବଢୁଛି। ଜମ୍ମୁ-କଶ୍ମୀରର ପହଲଗାମରେ ୨୨ ଏପ୍ରିଲରେ ହୋଇଥିବା ଭୀଷଣ ଆତଙ୍କୀ ହମଲାରେ ୨୬ ନିର୍ଦ୍ଦୋଷୀ ନାଗରିକଙ୍କ ଜୀବନ ଯାଇଥିଲା। ଏହି ଆକ୍ରମଣ ସାରାଦେଶକୁ ଶୋକରେ ବୁଡାଇ ଦେଇଥିଲା। ଆକ୍ରମଣ ପରେ ପୁରା ବିଶ୍ୱରେ ଆତଙ୍କବାଦକୁ ବିରୋଧ କରି ଭାରତକୁ ସମର୍ଥନ କରାଯାଇଥିଲା। ଏଥିରେ ଇସ୍ରାଏଲ, ଆମେରିକା ଓ ଋଷ ମଧ୍ୟ ଥିଲେ। ପହଲଗାମ୍ ଆତଙ୍କୀ ଆକ୍ରମଣରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ଏବେ ସାମନାକୁ • ପୃଷ୍ଠା ୭ ଦେଖନ୍ତୁ...

## ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ, ୫।୫ (ହି.ସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ସିବିଆଇ ନିର୍ଦ୍ଦେଶକଙ୍କ ନିଯୁକ୍ତି ପାଇଁ ଗଠିତ କମିଟିର ଏକ ବୈଠକର ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଭାରତର ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନା ମଧ୍ୟ ଉପସ୍ଥିତ ଥିଲେ। ସୋମବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନର ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ୨୫ ମେ ଶେଷ ହେବାକୁଯାଉଛି। ତେବେ ଏହା ପୂର୍ବରୁ ଏହି ବୈଠକ ଅନୁଷ୍ଠିତ ହୋଇଛି। ୧୯୮୬ ବ୍ୟାଚ୍ କର୍ଣ୍ଣାଟକ କ୍ୟାଡରର ଆଇପିଏସ୍ ଅଧିକାରୀ ସୁଦ ତାଙ୍କ ନିଯୁକ୍ତି ପୂର୍ବରୁ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଥିଲେ। ସେ ୨୫ ମେ, ୨୦୨୩ରେ ପ୍ରମୁଖ ତଦନ୍ତକାରୀ ସଂସ୍ଥାର ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଲୋକସଭାରେ ବିରୋଧୀ ଦଳ ନେତା ଏବଂ ଭାରତର ମୁଖ୍ୟ ବିଚାରପତିଙ୍କୁ ନେଇ ଗଠିତ ତିନି ସଦସ୍ୟ ବିଶିଷ୍ଟ ନିଯୁକ୍ତି • ପୃଷ୍ଠା ୭ ଦେଖନ୍ତୁ...

## ରାଜ୍ୟରେ ୧୦ ତାରିଖ ଯାଏ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୫।୫ (ହି.ସ): ଆସନ୍ତା ୧୦ ତାରିଖ ଯାଏ ରାଜ୍ୟରେ ବର୍ଷା ସମ୍ଭାବନା। ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ଗଜପତିରେ ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ୫୦ରୁ ୬୦ କିମି ବେଗରେ ପବନ ବଢି ବହିପାରେ। ପାଣିପାଗ ବିଭାଗ ଏଭଳି ପୂର୍ବାନୁମାନ କରିଛି। ସୂଚନା ଥାଉକି, ରବିବାର ସନ୍ଧ୍ୟାରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ସହିତ ବଜ୍ରପାତ ହୋଇଛି। ମଙ୍ଗଳବାର ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ଅଛି। ୪୦ରୁ ୫୦କିମି ବେଗରେ ପବନ ବହିବ। ୭ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ୮ ତାରିଖରେ ନବରଙ୍ଗପୁର, ରାୟଗଡ଼ା, ଗଜପତି, କଳାହାଣ୍ଡି, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଆଶଙ୍କା ଅଛି। ୯ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତିରେ ସ୍ୱଳ୍ପରୁ ମଧ୍ୟମ ପରିମାଣର ବର୍ଷା ହୋଇପାରେ। ୧୦ ତାରିଖରେ ବି ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ଅଛି।




### ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ଆସିଲା ତଦନ୍ତ ରିପୋର୍ଟ

## ‘ବଳକା ଦାରୁରୁ ତାଆରି ହୋଇନି ମୂର୍ତ୍ତି’

ଭୁବନେଶ୍ୱର, ୫।୫ (ଡିକେ ନ୍ୟୁଜ୍): ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ଆସିଲା ତଦନ୍ତ ରିପୋର୍ଟ। ଶ୍ରୀମନ୍ଦିରରୁ ଦୀଘା ଯାଇନି ଦାରୁ। ଲିମ୍ବ କାଠରେ ତିଆରି ହୋଇଛନ୍ତି ମହାପ୍ରଭୁ। ବଳକା ଦାରୁରୁ ମୂର୍ତ୍ତି ତିଆରି ହେବା କଥା ସମ୍ପୂର୍ଣ୍ଣ ମିଛ। ଧାମ ଶବ୍ଦର ନାମ କେବଳ ଚାରି ଧାମରେ ଲାଗିବ। ଦୀଘା ବେଳାଭୂମିର ନାମରୁ ମହାଦୋଧି କାଟିବା ପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ ଯିବ ଲେଟର। ଏନେଇ ସୂଚନା ଦେଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଇନ ମନ୍ତ୍ରୀ କହିଛନ୍ତି ଯେ, ଦାରୁ ଘର ଭିତରେ କାଠ



ରୁହେ। ୧୯୯୫-୯୬ରେ ସେତେବେଳର ସରକାରଙ୍କ ଭୁଲ୍ ନିଷ୍ପତ୍ତି ପାଇଁ ଦଇତାପତି ନିଯୋଗ ଘରେ କିଛି କାଠ ଥିଲା। ସମସ୍ତ କାଠ ଦାରୁ ଘରକୁ ଆଣିବା ପାଇଁ ଏକ ୫ ଜଣିଆ କମିଟି ଗଠନ ହୋଇଛି। ସେବକମାନେ ଗଣମାଧ୍ୟମକୁ ଆସି ପୂଜାବିଧି ବିଷୟରେ କହୁଛନ୍ତି। କେତେ ଦୂର ଗଣମାଧ୍ୟମକୁ କହିପାରିବେ ସେନେଇ ମାର୍ଗଦର୍ଶିକା ଆସିବ। ଦଇତାପତି ନିଯୋଗ ସଭାପତିଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗ ଆସିଥିଲା ତାଙ୍କୁ ସମନ ଦିଆଯାଇଥିଲା। ସେ ଉତ୍ତର ରଖିଛନ୍ତି। ଭୁବନେଶ୍ୱରର ଜଣେ ସୁଦର୍ଶନ ମହାରଣାଙ୍କ ପାଖରୁ ଲିମ୍ବ କାଠରେ ମହାପ୍ରଭୁଙ୍କୁ ତିଆରି କରି ନେଇଥିଲେ। ଏନେଇ ମହାରଣା ବି ସ୍ୱୀକାର କରିଛନ୍ତି। ଶ୍ରୀମନ୍ଦିର ଆଙ୍କ • ପୃଷ୍ଠା ୭ ଦେଖନ୍ତୁ...

### ଦୀଘା ଜଗନ୍ନାଥ ମନ୍ଦିର ‘ଜଗନ୍ନାଥ ଧାମ’ ନୁହେଁ: ଗଜପତି ମହାରାଜା

ପୁରୀ, ୫।୫ (ଡିକେ ନ୍ୟୁଜ): ଦୀଘା ଜଗନ୍ନାଥ ମନ୍ଦିର ‘ଜଗନ୍ନାଥ ଧାମ’ ନୁହେଁ ବୋଲି ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି। ଜଗନ୍ନାଥ ଧାମ, ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଶ୍ରୀକ୍ଷେତ୍ର। ମୁକ୍ତି ମଣ୍ଡପ ମତକୁ ଆଧାର କରି ଗଜପତି ମହାରାଜା ଏହି ମତ ଦେଇଛନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୂଳପୀଠ ପୁରୁଷୋତ୍ତମ କ୍ଷେତ୍ର। ଅନ୍ୟ କୌଣସି ସ୍ଥାନକୁ ଧାମ ନାଁ ଦିଆଯାଇପାରିବନି। ଜଗନ୍ନାଥଧାମ, ଶ୍ରୀପୁରୁଷୋତ୍ତମ କ୍ଷେତ୍ର ନାଁ ଦିଆଯାଇପାରିବନି। ଶ୍ରୀକ୍ଷେତ୍ର କିମ୍ବା ନୀଳାଚଳଧାମ ମଧ୍ୟ ଦିଆଯାଇ ପାରିବନି। ଅନ୍ୟ କୌଣସିଠାରେ ସମର୍ପିତ ନୈବେଦ୍ୟ ‘ଶ୍ରୀମହାପ୍ରସାଦ’ ନୁହେଁ ବୋଲି ଗଜପତି ମହାରାଜା ପକ୍ଷରୁ ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତିରେ ଏହା ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ଓଡ଼ିଶା ସରକାର ଦୀଘା ଜଗନ୍ନାଥ ମନ୍ଦିରକୁ ‘ଜଗନ୍ନାଥ ଧାମ’ ଭାବରେ ପ୍ରଚାର କରିବା ଉପରେ ଆପତ୍ତି ଉଠାଉଥିବାବେଳେ ସୋମବାର ଦୀଘାରେ ଲାଗିଥିବା ଜଗନ୍ନାଥ ଧାମ ନାମ ଫଳକ ହଟାଇଦିଆଯାଇଛି। ଓଡ଼ିଶା ସରକାର ରବିବାର ଜଗନ୍ନାଥ ଧାମ ହଟାଇବାକୁ ମୁଖ୍ୟମନ୍ତ୍ରୀ ବାନାର୍ଜୀଙ୍କୁ ଏକ ଚିଠି ପଠାଇବାକୁ ଚାହୁଁଥିବା ମତ ଆସିବା ପରେ ଏହି ପଦକ୍ଷେପ ସାମ୍ନାକୁ ଆସିଛି।






# ଖଣି-ନେତୃତ୍ୱାଧୀନ ଅଭିବୃଦ୍ଧି ସ୍ଥିର ଅନ୍ତର୍ଭୁକ୍ତିମୂଳକ ଏବଂ ଭବିଷ୍ୟତ ଗଠନ ପାଇଁ ପ୍ରସ୍ତୁତ ଓଡ଼ିଶାର ଚାବିକାଠି ଅଟେ : ଏଆଇଡିଇଏନଟି ଦ୍ୱାରା ଶ୍ୱେତପତ୍ର ଉନ୍ମୋଚିତ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଖଣି କ୍ଷେତ୍ର, ବିଶେଷକରି ବକ୍ସାଇଟ୍, ଲୁହାପଥର ଏବଂ କୋଇଲା ଓଡ଼ିଶାର ସର୍ବଶ୍ରେଷ୍ଠ ରଣନୈତିକ ଲିଭରକୁ ପ୍ରତିନିଧିତ୍ୱ କରେ ଏବଂ ନିବେଶ, ନିଯୁକ୍ତି, ଭିତ୍ତିଭୂମି ଏବଂ ବିଶ୍ୱ ପ୍ରତିଯୋଗିତାକୁ ଆଗେଇ ନେଇପାରେ। ତଥାପି, ବକ୍ସାଇଟ୍ ଭଳି ଖଣିଜ ପଦାର୍ଥର କମ ବ୍ୟବହାର, ପ୍ରକ୍ରିୟାଗତ ବାଧା, ଆନ୍ତଃରାଜ୍ୟ ସମ୍ପତ୍ତି ନିଷ୍କାସନ ଏବଂ ସାହସିକ ତଥା ଜରୁରୀ ସଂସ୍କାରର ଆବଶ୍ୟକତାକୁ ଇଙ୍ଗିତ କରି ଅତୀତରେ ହାତଛଡ଼ା ହୋଇଥିବା ସୁଯୋଗ ଯୋଗୁଁ ଓଡ଼ିଶା କେବଳ ଏହାର ଖଣିଜ ସମ୍ଭାବ୍ୟତାର ପୃଷ୍ଠକୁ କ୍ଷୁର୍ଣ୍ଣ କରିଛି, ଓଡିଶାର ସମ୍ଭାବନା ଖଣି: ଆତ୍ମନିର୍ଭରତା ଏବଂ ସମୃଦ୍ଧିକୁ ଭାରତର ଯାତ୍ରାକୁ ଶକ୍ତି ପ୍ରଦାନ କରୁଛି' ଏକ ଶ୍ୱେତପତ୍ର ଉନ୍ମୋଚନ ଅବସରରେ ବିଶେଷଜ୍ଞମାନେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉତ୍କୃଷ୍ଟ ଓଡ଼ିଶା ସମ୍ମିଳନୀର ଭାଷଣ ସମୟରେ ଉଲ୍ଲେଖ କରାଯାଇଥିବା ୧୦୦% ମୂଲ୍ୟ ସଂଯୋଜନର ଦୃଷ୍ଟିକୋଣ ଉପରେ ନିର୍ମାଣ କରାଯାଉଥିବା ଏହି ରାଜ୍ୟ ଆଜି ଏକ ପରିବର୍ତନ ବିନ୍ଦୁରେ ଠିଆ ହୋଇଛି। 'ଓଡ଼ିଶା ଏବେ ନୁହେଁ ତ କେବେ ନୁହେଁ ଏକ ମୁହୂର୍ତ୍ତରେ ଅଛି। ଏହା ଈଶ୍ୱର-ପ୍ରଦତ୍ତ ସମ୍ପଦକୁ ଲୋକ-କୈନ୍ଦ୍ରିକ ଅଭିବୃଦ୍ଧିରେ ପରିବର୍ତ୍ତନ ବିଷୟରେ ଆମକୁ ନିଶ୍ଚିତ କରିବା ଉଚିତ ଯେ ଆଗାମୀ ପିଢ଼ିର ଓଡ଼ିଆମାନେ କେବଳ ସମୃଦ୍ଧ ମାଟିର ଐତିହ୍ୟ ନୁହେଁ, ବରଂ ଅନ୍ତର୍ଭୁକ୍ତିମୂଳକ ପ୍ରଗତି, ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ଏବଂ ସ୍ଥାୟୀ ସମୃଦ୍ଧିର ଐତିହ୍ୟ ପାଇବେ। ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଓଡ଼ିଶାର ଖଣିଜ ଶକ୍ତିକୁ ଅନ୍ତର୍ଭୁକ୍ତିମୂଳକ ଶିଳ୍ପାୟନ ଏବଂ ଆଞ୍ଚଳିକ ଉନ୍ନତିରେ ପରିଣତ କରିବା ପାଇଁ ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରିଛି, 'ଡକ୍ଟର ଜୟଦେବ ସାରଙ୍ଗୀ, ଆଇଏଏସ୍ (ଅବସରପ୍ରାପ୍ତ), ଏଆଇଡିଇଏନଟି, ଆନ୍ ଇନିସିଏଟିଭ୍ ଫର୍ ଡେଭଲପମେଣ୍ଟ ଆଣ୍ଡ୍ ଏମ୍ପାୱାରମେଣ୍ଟ ଦ୍ୱାରା ପ୍ରସ୍ତୁତ ଶ୍ୱେତପତ୍ର ଉନ୍ମୋଚନ କରି କହିଛନ୍ତି। ରିପୋର୍ଟରେ ଓଡ଼ିଶା ପାଇଁ ସମ୍ବଳର ପ୍ରାନିକାରୀରୁ ମୂଲ୍ୟ ସୃଷ୍ଟିକାରୀ ହେବା ପାଇଁ ଏକ ପର୍ଯ୍ୟାୟବଦ୍ଧ ରୋଡମ୍ୟାପ୍ ପ୍ରସ୍ତାବ ଦିଆଯାଇଛି। ଏହା ସ୍ୱଳ୍ପକାଳୀନ ନିୟାମକ ସଂସ୍କାର, ଖଣିଜ କରିଡର ଏବଂ ଉତ୍ପାଦନ କ୍ଲଷ୍ଟରରେ ମଧ୍ୟମକାଳୀନ ନିବେଶ ଏବଂ ସବୁଜ ଆଲୁମିନିୟମ, ଇସ୍ପାତ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଏକ କେନ୍ଦ୍ର ଭାବରେ ଦୀର୍ଘକାଳୀନ ସ୍ଥିତି ସୁପାରିଶ କରିଛି। ଓଡିଶା ଭାରତର ୩୫% ଲୁହା ଖଣିଜ, ୫୯% ବକ୍ସାଇଟ୍ ଏବଂ କୋଇଲା, କ୍ରୋମାଇଟ୍ ଏବଂ ମାଙ୍ଗାନିଜ୍‌ର ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ ରଖିଛି, ଯାହା ଏହାକୁ ଭାରତର ଖଣିଜ ସୁରକ୍ଷାର ମେରୁଦଣ୍ଡ କରିଛି, ଯାହାକି ଭିତ୍ତିଭୂମି, ଶକ୍ତି, ପରିବହନ, ନବୀକରଣୀୟ ଶକ୍ତି ଏବଂ ପ୍ରତିରକ୍ଷା ପାଇଁ ଅତ୍ୟାବଶ୍ୟକ ଅଟେ। ଏହି ପତ୍ରିକା ଖଣି ଏବଂ ଉତ୍ପାଦନ ପ୍ରତି ଏକ ଦୃଢ଼ ପୃଷ୍ଠଭୂମି ଦ୍ୱାରା ଚାଳିତ ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ଆଞ୍ଚଳିକ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ଓଡ଼ିଶାର ଉଦୟକୁ ଉଜ୍ଜ୍ୱଳ କରିଛି। ଉଦାହରଣ ସ୍ୱରୂପ, କାର୍ଯ୍ୟ ପାଇଁ ଏକ ପ୍ରମୁଖ ଆହ୍ୱାନ ହେଉଛି କଳାହାଣ୍ଡି ଭଳି ଅଞ୍ଚଳଗୁଡ଼ିକରେ ବକ୍ସାଇଟ୍ ଖଣି ତୁରନ୍ତ ଖୋଲିବା, ଯାହା ସମ୍ପଦରେ ସମୃଦ୍ଧ କିନ୍ତୁ ଅନ୍ତର୍ଭୁକ୍ତ ବିକାଶରେ ପଛୁଆ, ଯାହା ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକୁ ପୂର୍ଣ୍ଣ ଭାବରେ ଅଂଶଗ୍ରହଣ କରିବା ଏବଂ ଅଭିବୃଦ୍ଧି କାହାଣୀରୁ ଲାଭ ପାଇବା ନିଶ୍ଚିତ କରିବ। ଡକ୍ଟର ସାରଙ୍ଗୀ ଆହୁରି ମଧ୍ୟ କହିଛନ୍ତି, 'ଓଡ଼ିଶାର ଖଣିଜ ସମ୍ପଦ ଏକ ଜାତୀୟ ସମ୍ପତ୍ତି ତଥାପି, ଯଦି ଆମେ ଦୃଢ଼ ଅଗ୍ରଗାମୀ ସଂଯୋଗ ଏବଂ ଅନ୍ତର୍ଭୁକ୍ତି ବିକାଶ ଢାଞ୍ଚା ସୃଷ୍ଟି ନକରୁ, ତେବେ ଆମେ ଆଉ ଏକ ପିଢ଼ିର ସୁଯୋଗ ହରାଇବାର ଆଶଙ୍କା ରହିଛି। ଏହି ଶ୍ୱେତପତ୍ର ଏକ ସମ୍ପଦ ଯୋଗାଣକାରୀରୁ ମୂଲ୍ୟ ସୃଷ୍ଟିକାରୀକୁ ଓଡ଼ିଶାର ପରିବର୍ତନ ପାଇଁ ଏକ ବ୍ୟବହାରିକ ଏବଂ ସମୟୋଚିତ ବ୍ଲୁପ୍ରିଣ୍ଟ ପ୍ରଦାନ କରେ। 'ଡକ୍ଟର ଜୟଦେବ ସାରଙ୍ଗୀ, ଆଇଏଏସ୍ (ଅବସରପ୍ରାପ୍ତ), ପୂର୍ବତନ ସଚିବ, ଦିଲ୍ଲୀ/ ଗୋଆର ରାଜ୍ୟ ସରକାର, କାର୍ଯ୍ୟକ୍ରମ ପରିଚାଳକ ସଞ୍ଜୀବ କେ ସିଂହ; ଏଆଇଡିଇଏନଟିର ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ; ଡକ୍ଟର ପ୍ରବାସ ରଞ୍ଜନ ମିଶ୍ର,



ପ୍ରତିଷ୍ଠାତା, କର୍ତବ୍ୟ, ସେଣ୍ଟର ଫର୍ ସୋସିଆଲ ଇନୋଭେସନ୍; ଡକ୍ଟର ଦୁଃଖବନ୍ଧୁ ସାହୁ, ଅର୍ଥନୀତିରେ ସହଯୋଗୀ ପ୍ରଫେସର, ଆଇଆଇଟି ଭୁବନେଶ୍ୱର ଏବଂ ଡକ୍ଟର ସିପ୍ରା ସାଗରିକା, ସମାଜବିଜ୍ଞାନରେ ସହାୟକ ପ୍ରଫେସର, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ, ଯେଉଁଠାରେ ସେମାନେ ଖଣି-ନେତୃତ୍ୱାଧୀନ ବିକାଶକୁ ଶିଳ୍ପ ଏବଂ ସାମାଜିକ ସମୃଦ୍ଧି ପାଇଁ ଏକ ସ୍ଥାୟୀ ମଡେଲରେ ପରିଣତ କରିବା ପାଇଁ ଓଡ଼ିଶା କିପରି 'ଏବେ-ନହେଲେ-କେବେ ନୁହେଁ' ପରିବର୍ତନ ବିନ୍ଦୁରେ ଅଛି ସେ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଗୁଜରାଟ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟଗୁଡ଼ିକ ବହୁତ କମ୍ ପ୍ରାକୃତିକ ସମ୍ପଦ ଥିବା ସତ୍ତ୍ୱେ, ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶାକୁ ପଛରେ ପକାଇ ଦେଇଛନ୍ତି। ଓଡ଼ିଶାରେ ଖଣି ରାଜସ୍ୱ ଏବଂ ନିଯୁକ୍ତି ସୃଷ୍ଟି କରିଥିବା ବେଳେ, କାର୍ଯ୍ୟାନ୍ୱୟନ ବିଳମ୍ବ, କଞ୍ଚା ଖଣିଜ ରପ୍ତାନିରୁ ଆର୍ଥିକ ସାର୍ବଭୌମତ୍ୱ ହରାଇବା, ସ୍ଥାନୀୟ ପ୍ରତିରୋଧ ଏବଂ ଭିତ୍ତିଭୂମି ଫାଙ୍କ ଯୋଗୁଁ ରାଜ୍ୟ ରଣନୈତିକ ସୁଯୋଗ ହରାଇଛି। ବର୍ତ୍ତମାନ ଭାରତ ଏହାର ଘରୋଇ ଚାହିଦା ପୂରଣ କରିବା ପାଇଁ ଅନେକ ଆଫ୍ରିକୀୟ ଦେଶ ଏବଂ ଚୀନରୁ ବକ୍ସାଇଟ୍ ଆମଦାନୀ କରୁଛି, ଯାହା ଏହାର ଆମଦାନୀ ବିଲ୍ ବୃଦ୍ଧି କରେ ଏବଂ ଏହାର ଆର୍ଥିକ ଦକ୍ଷତା ଉପରେ ନକାରାତ୍ମକ ପ୍ରଭାବ ପକାଏ। ଓଡ଼ିଶାରେ ନିବେଶ କରିଥିବା ଶିଳ୍ପଗୁଡ଼ିକୁ ଏହାର ପ୍ରଚୁର ଖଣିଜ ସମ୍ପଦରେ ପ୍ରାଥମିକତା ଦିଆଯିବା ଉଚିତ ଏବଂ ରାଜ୍ୟ ସେମାନଙ୍କର ଆବଶ୍ୟକତା ପୂରଣ କରିବାକୁ ସମ୍ପୂର୍ଣ୍ଣ ସକ୍ଷମ ହେଲେ ଆମଦାନୀ ଉପରେ ନିର୍ଭର କରିବା ଉଚିତ୍ ନୁହେଁ। ରିପୋର୍ଟରେ ଆକଳନ କରାଯାଇଛି ଯେ କେବଳ ବକ୍ସାଇଟ୍‌ର ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବରେ ଉନ୍ମୋଚନ କରିବା ଦ୍ୱାରା ୧୦,୦୦୦ ରୁ ଅଧିକ କ୍ଷୁଦ୍ର ଓ କ୍ଷୁଦ୍ର ଶିଳ୍ପ ସଶକ୍ତ ହୋଇପାରିବ, ୨.୪ ନିୟୁତ ନିଯୁକ୍ତି ସୃଷ୍ଟି ହୋଇପାରିବ ଏବଂ ରାଜ୍ୟକୁ ବହୁ-ବିଲିୟନ ଡଲାରର ନିବେଶ ଆକର୍ଷିତ ହୋଇପାରିବ। ରିପୋର୍ଟରେ ଦର୍ଶାଯାଇଛି ଯେ ଓଡ଼ିଶାକୁ ଅଧିକ ଖଣିଜ ଦ୍ରବ୍ୟର ଆବଶ୍ୟକତା ନାହିଁ, ସେହି ଖଣିଜ ପଦାର୍ଥଗୁଡ଼ିକୁ ଦୀର୍ଘକାଳୀନ ସମୃଦ୍ଧିରେ ପରିଣତ କରିବା ପାଇଁ ସ୍ମାର୍ଟ ନୀତି ଆବଶ୍ୟକ। ଭାରତର ବାଣିଜ୍ୟର ପ୍ରାନିର ୮୦% ରୁ ଅଧିକ କଞ୍ଚା/ଅର୍ଦ୍ଧ- ପ୍ରକ୍ରିୟାକୃତ ଖଣିଜ ପଦାର୍ଥରେ ଯୋଗଦାନ ସତ୍ତ୍ୱେ, ରାଜ୍ୟ ରୟାଲଟି ମାଧ୍ୟମରେ ମୂଲ୍ୟର କେବଳ ଏକ ଅଂଶ ପାଏ, କର, ନିଯୁକ୍ତି ଏବଂ ପୁନଃନିବେଶରୁ ବଞ୍ଚିତ ହୁଏ। 'ଏହା କେବଳ ଏକ ନୀତିଗତ ଡକ୍ୟୁମେଂଟ ନୁହେଁ - ଏହା ପିଢ଼ିଗତ ପରିବର୍ତ୍ତନ ପାଇଁ ଏକ ବ୍ଲୁପ୍ରିଣ୍ଟ। ଯଦି କାର୍ଯ୍ୟକାରୀ ହୁଏ, ତେବେ ଏହି ପତ୍ରରେ ଥିବା ସୁପାରିଶଗୁଡ଼ିକ ଓଡ଼ିଶାକୁ ଭାରତର ପରବର୍ତ୍ତୀ ଶିଳ୍ପ ବିପ୍ଳବର କେନ୍ଦ୍ରସ୍ଥଳ କରିପାରିବ ଏବଂ ଏହା ଦ୍ୱାରା ସୃଷ୍ଟି ହେଉଥିବା ସମୃଦ୍ଧିର କେନ୍ଦ୍ରବିନ୍ଦୁ ହୋଇପାରିବ, ବୋଲି ଏଆଇଡିଇଏନଟିର ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ସଂଜୀବ କେ ସିଂହ କହିଛନ୍ତି। ଏହି ରିପୋର୍ଟରେ ସାମୁଦାୟିକ ଅଂଶଗ୍ରହଣ ସହିତ ଖଣିର ବ୍ୟାପକ ସାମାଜିକ ପ୍ରଭାବ ଉପରେ ମଧ୍ୟ ଆଲୋକପାତ କରାଯାଇଛି। ରାୟଗଡା ଏବଂ କଳାହାଣ୍ଡି ଭଳି ଜିଲ୍ଲାରେ, ଦାୟିତ୍ୱପୂର୍ଣ୍ଣ ଖଣି କାର୍ଯ୍ୟ ପୂର୍ବରୁ ୭,୦୦୦ ରୁ ଅଧିକ ଲୋକଙ୍କ ପାଇଁ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିଛି ଏବଂ ଟ.୧୨,୦୦୦+ କୋଟିରୁ ଅଧିକ ଡିଏମଏଫ କର୍ପସ ମାଧ୍ୟମରେ ଅତ୍ୟାବଶ୍ୟକ ସେବାକୁ ପାଣ୍ଠି ଯୋଗାଇଛି। ଆବାସିକ ବିଦ୍ୟାଳୟ, ହସ୍ପିଟାଲ, ରାସ୍ତା ଏବଂ ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଠାରୁ ଆରମ୍ଭ କରି ମହିଳା ଏସଏଚଜି-ନେତୃତ୍ୱାଧୀନ ଉଦ୍ୟୋଗ ଏବଂ ଆଦିବାସୀ ଯୁବକମାନଙ୍କ ପାଇଁ ଛାତ୍ରବୃତ୍ତି ପର୍ଯ୍ୟନ୍ତ, ଖଣି-ସଂଯୁକ୍ତ ବିକାଶ ସ୍କୁଲ ନାମଲେଖା ଏବଂ ମାତୃ ମୃତ୍ୟୁହାର ପରି ସୂଚକଗୁଡ଼ିକୁ ଉନ୍ନତ କରିଛି। ଖଣି କେବଳ ଜିଡିପି ଅଭିବୃଦ୍ଧି ନୁହେଁ, ପିଢ଼ିଗତ ଉନ୍ନତିରେ ପରିଣତ କରିବା ନିଶ୍ଚିତ କରିବା ପାଇଁ ସମସ୍ତ ଖଣି ଜିଲ୍ଲାଗୁଡ଼ିକରେ ଏପରି ମଡେଲଗୁଡ଼ିକୁ ସଂସ୍ଥାଗତ କରିବାକୁ ଶ୍ୱେତପତ୍ର ଆହ୍ୱାନ କରିଛି। ଏହି ଶ୍ୱେତପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଆସିଛି ଯେତେବେଳେ ଓଡ଼ିଶାର ଅର୍ଥନୀତି ଏବେ ଜାତୀୟ ହାରଠାରୁ ଅଧିକ ଅଭିବୃଦ୍ଧି ହାର ରେକର୍ଡ କରୁଛି, ଏବଂ ରାଜ୍ୟରେ ଶିଳ୍ପାୟନ, ଭିତ୍ତିଭୂମି ସୃଷ୍ଟି ଏବଂ ଉତ୍ପାଦନ ନେତୃତ୍ୱ ପ୍ରତି ନୂତନ ନୀତି ପ୍ରୋତ୍ସାହନ ସହିତ ଏକ ବିକାଶ-କେନ୍ଦ୍ରିକ ସରକାର ଶାସନ କରୁଛି।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ପେନ୍‌ସନଭୋଗୀ ଏବଂ ସେବାନିବୃତ୍ତ କର୍ମଚାରୀ ସଂଘ ଓଡିଶା ଶାଖାର ଦ୍ୱିତୀୟ ତ୍ରୈବାର୍ଷିକ ସାଧାରଣ ସଭା

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ବ୍ୟାଙ୍କ ଅଫ୍ ଇଣ୍ଡିଆ ପେନ୍‌ସନଭୋଗୀ ଏବଂ ସେବାନିବୃତ୍ତ କର୍ମଚାରୀସଂଘ (କୋଇପାରା) ଓଡିଶା ଶାଖାର ଦ୍ୱିତୀୟ ତ୍ରୈବାର୍ଷିକ ଅଧିବେସନ ତା ୦୪.୦୫.୨୦୨୫ ରିଖରେ ଭୁବନେଶ୍ୱରସ୍ଥିତ ହୋଟେଲ ଆର୍ଯ୍ୟ ପ୍ୟାଲେସଠାରେ ସଭାପତି ଅମିତ୍ କୁମାର ମୋତାୟଦ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେସନରେ ସର୍ବଭାରତୀୟ ମହାସଂଘର ଅଧ୍ୟକ୍ଷ ଆର୍.ଏସ୍. ତ୍ରିବେଦୀ, ସଭାପତି ପି.ଏସ୍ ପାଟକି, ସାଧାରଣ ସଂପାଦକ ହରବିନ୍ଦର ସିଂ, କାର୍ଯ୍ୟକାରୀ ସଭାପତି ଦେବାଶିଷ ସେନଗୁପ୍ତା, ଏଆଇବିପାର୍କ ଓଡିଶା ଶାଖାର ସମ୍ପାଦକ ନିରଞ୍ଜନ ଯୋଗାଣିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ରୀୟ ମହାପ୍ରବନ୍ଧକ ବିକାଶ କ୍ରାଷ୍ଟା ଏବଂ ଅନ୍ୟାନ୍ୟ ସଂଘର ନେତୃବୃନ୍ଦ ତଥା ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍‌ର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। କୋଇପାରା ଓଡିଶାର ସାଧାରଣ ସମ୍ପାଦକ ମନୋରଞ୍ଜନ ଦାଶ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଦଶରଥ ସେନାପତି ଅତିଥିମାନଙ୍କ ପରିଚୟ କରାଇଥିଲେ। ଏହି ଅବସରରେ ଦିବଗଂତ ସଭ୍ୟ, ଅନ୍ୟାନ୍ୟ ପ୍ରତିଷ୍ଠିତ ବ୍ୟକ୍ତି ତଥା ପହେଲଗାମ ଆତଙ୍କବାଦୀ ଅକ୍ରମଣରେ ମୃତକଙ୍କ ନିମନ୍ତେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ତତ୍‌ପରେ କୋଇପାରା ଓଡିଶାର ସଭାପତି ଅମିତ୍ କୁମାର ମୋତାୟଦ୍ ତାଙ୍କ ଅଭିଭାଷଣରେ




ସାମ୍ପ୍ରତିକ ପରିସ୍ଥିତିରେ ବ୍ୟାଙ୍କ ପେନ୍‌ସନ୍ ଉପଭୋକ୍ତାଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ମହାସଂଘର ଅଧ୍ୟକ୍ଷ ତ୍ରିବେଦୀ ଓ ସଭାପତି ଶ୍ରୀ ପାଟ୍‌କୀ ପେନ୍‌ସନ୍ ଅପଡେସନ୍, ମହଙ୍ଗାଭତ୍ତାରେ ପାତର ଅନ୍ତର, ବର୍ଦ୍ଧିତ ସ୍ୱାସ୍ଥ୍ୟବୀମା ପ୍ରିମିୟମ୍, ସ୍ପେସିଆଲ ପେକୁ ମୂଳ ପେନ୍‌ସନ ସହ ମିଶ୍ରଣ ଇତ୍ୟାଦି ଅବସରକାଳୀନ ସୁବିଧା ସମ୍ବନ୍ଧରେ ଆଲୋକପାତ କରିଥିଲେ। ମହାସଂଘର ସଂପାଦକ ହରବିନ୍ଦର ସିଂ ପେନ୍‌ସନ ଅପ୍‌ଡେସନ ଓ ପେନ୍‌ସନଭୋଗୀଙ୍କ ବିଭିନ୍ନ ଦାବି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ ପେନ୍‌ସନ ରେଗୁଲେସନରେ ଧାରା ୩୫(୧) ତୁରନ୍ତ ଲାଗୁ କରାଯିବା ଉଚିତ। ମହାସଂଘର କାର୍ଯ୍ୟକାରୀ ସଭାପତି ଦେବାଶିଷ ସେନଗୁପ୍ତା ଏକ୍ସ ଗ୍ରାସିଆର ବାର୍ଷିକ ରିଭ୍ୟୁ ପାଇଁ ଦାବି କରିଥିଲେ। ଏଆଇବି ପାର୍କ ଓଡିଶା ଶାଖାର ସମ୍ପାଦକ ନିରଞ୍ଜନ ଯୋଗାଣୀଆ ସରକାରଙ୍କ ବ୍ୟାଙ୍କ ପେନ୍‌ସନ ଉପଭୋକ୍ତାଙ୍କ ପ୍ରତି ବୈମାତୃକ ଚିନ୍ତାଧାରାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ତତ୍‌ପରେ ସମସ୍ତ ବକ୍ତାମାନେ ଉପରୋକ୍ତ ସମସ୍ତ ସମସ୍ୟାର ସରକାର ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ। କ୍ଷେତ୍ରୀୟ ମହାପ୍ରବନ୍ଧକ ବିକାଶ କ୍ରାଷ୍ଟା ବ୍ୟାଙ୍କର ଅଭିବୃଦ୍ଧି ପାଇଁ ଅବସରପ୍ରାପ୍ତ କର୍ମଚାରୀଙ୍କର ସହଯୋଗ କାମନା କରିଥିଲେ। ସର୍ବଶେଷରେ ଉପ-ସଭାପତି ଦେବାନନ୍ଦ ଶଥପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ସଂଘର ଦ୍ୱିତୀୟ ଅଧିବେଶନରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ସମ୍ପାଦକ ତାଙ୍କର ତ୍ରୈବାର୍ଷିକ ବିବରଣୀ ପାଠ କରିସାରିଲା ପରେ କୋଷାଧ୍ୟକ୍ଷ ଗୃହକୁ ସଂଘର ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। ଏହି ସଭାରେ ଓଡିଶାର ସମସ୍ତ ପ୍ରାନ୍ତରୁ ପ୍ରାୟ ୨୦୦ (ଦୁଇଶହ) ସଦସ୍ୟ ଯୋଗ ଦେଇଥିଲେ। ଏହା ପରେ ଆସନ୍ତା ୩ ବର୍ଷ ପାଇଁ (୨୦୨୫-୨୦୨୮) ନିମ୍ନଲିଖିତ ସଭ୍ୟମାନେ ବିଭିନ୍ନ ପଦପାଇଁ ନିର୍ଦ୍ଦନ୍ଦ୍ୱରେ ନିର୍ବାଚିତ କରିଥିଲେ। ୧) ଅଧ୍ୟକ୍ଷ: ଦଶରଥ ସେନାପତି ୨) ସଭାପତି: ଅମିତ କୁମାର ମୋତାୟଦ୍ ୩) ଉପ-ସଭାପତି: ଦେବାନନ୍ଦ ଶତପଥୀ ୪) ସମ୍ପାଦକ: ମନୋରଞ୍ଜନ ଦାସ ୫) ଯୁଗ୍ମ ସମ୍ପାଦକ: ତ୍ରିଲୋଚନ ବେହେରା ୬) କୋଷାଧ୍ୟକ୍ଷ: ଦିଲୀପ କୁମାର କାନୁନ୍‌ଗୋ ଏବଂ ଚାରିଗୋଟି କ୍ଷେତ୍ର ପାଇଁ ୪ଜଣ ସାଂଗଠନିକ ସମ୍ପାଦକ ସହିତ ୧୧ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ମଧ୍ୟ ନିର୍ଦ୍ଦନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସର୍ବଶେଷରେ ଯୁଗ୍ମ ସମ୍ପାଦକ ତ୍ରିଲୋଚନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନିସାନ ପକ୍ଷରୁ ୯୯,୦୦୦ରୁ ଉର୍ଦ୍ଧ୍ୱ ୟୁନିଟର ସର୍ବାଧିକ ବାର୍ଷିକ ବିକ୍ରି ରେକର୍ଡ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ନିସାନ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଏନଏମଆଇପିଏଲ) ଭାରତରେ ନିରନ୍ତର ଓ ସ୍ଥାୟୀ ଅଭିବୃଦ୍ଧି ବଜାୟ ରଖିବା ସହ ୨୦୨୪-୨୫ରେ ସର୍ବାଧିକ ବିକ୍ରି ରେକର୍ଡ ହାସଲ କରିଛି। ନିସାନ ୨୦୨୪-୨୫ ଆର୍ଥିକ ବର୍ଷରେ ୯୯,୦୦୦ରୁ ଅଧିକ ୟୁନିଟର ମୋଟ ବିକ୍ରି (ରପ୍ତାନୀ+ଘରୋଇ) ହାସଲ କରିଥିବା ବେଳେ ୨୦୧୭-୧୮ ଆର୍ଥିକ ବର୍ଷ ପରଠାରୁ ଗତ ୭ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଚଳିତ ବର୍ଷ ସର୍ବୋଚ୍ଚ ସମନ୍ୱିତ ବିକ୍ରି ରେକର୍ଡ କରିଛି। ଘରୋଇ ଓ ରପ୍ତାନୀ ବଜାରରେ ନୂଆ ନିସାନ ମାଗ୍ନାଇଟ ବି-ଏସୟୁଭିର ଚମତ୍କାର ପ୍ରଦର୍ଶନ ଯୋଗୁଁ ୨୦୨୪-୨୫ରେ କମ୍ପାନୀର ବାର୍ଷିକ ବିକ୍ରି ୩୫% ବୃଦ୍ଧି ହୋଇଛି। ନିକଟରେ ନିସାନ ପକ୍ଷରୁ ୨୦୨୫ ଆର୍ଥିକ ବର୍ଷରେ ଦୁଇଟି ନୂଆ ମଡେଲ ଅଲ୍-ନ୍ୟୁ ୭-ସିଟର ବି-ଏମ୍‌ପିଭି ଓ ୨୦୨୬ ଆର୍ଥିକ ବର୍ଷରେ ଗୋଟିଏ ୫-ସିଟର୍‌ର ଶୁଭାରମ୍ଭ କରାଯିବା ସମ୍ପର୍କରେ ଘୋଷଣା କରାଯାଇଥିଲା। ସେହିପରି ରପ୍ତାନୀ କ୍ଷେତ୍ରରେ କମ୍ପାନୀ ଏହାର ପରିଚାଳନାକୁ ୨୦ଟି ବଜାରରୁ ୬୫ରୁ ଅଧିକ ଆନ୍ତର୍ଜାତୀୟ ବଜାରକୁ ବିସ୍ତାର କରିଛି। ଏହାର 'ୱାନ କାର୍, ୱାନ ୱାର୍ଲ୍ଡ' ପ୍ଲାନ ଅଧିନରେ ନୂଆ ନିସାନ ମାଗ୍ନାଇଟ ଆର୍‌ଏଚଡି ଓ ଏଲ୍‌ଏଚଡି ଭାରିଆଣ୍ଟଗୁଡିକ ଯୋଗୁଁ ନିସାନର ରପ୍ତାନୀ ବ୍ୟବସାୟରେ ଏକ ଐତିହାସିକ ୭୧୦୦୦+ ୟୁନିଟ୍ ବିକ୍ରି ଦେଖିବାକୁ ମିଳିଛି। ଏହି ରପ୍ତାନୀ ସଫଳତା କମ୍ପାନୀର ମୋଟ ବିକ୍ରିକୁ ୯୯,୦୦୦+ ୟୁନିଟରେ ପହଞ୍ଚାଇଛି। ସେହିପରି ନିସାନ ମୋଟର ଇଣ୍ଡିଆ ଏପ୍ରିଲ ୨୦୨୫ରୁ ନୂଆ ନିସାନ ମାଗ୍ନାଇଟ୍‌ର ମୂଲ୍ୟକୁ ୩% ଯାଏଁ ବୃଦ୍ଧି କରିବ ବୋଲି ଘୋଷଣା କରିଛି। ଏହି ପ୍ରଦର୍ଶନ ସମ୍ପର୍କରେ ନିସାନ ଇଣ୍ଡିଆ ଅପରେଶନ୍ସର ଅଧ୍ୟକ୍ଷ ଏବଂ ଆମିଓ ରିଜିଅନ ବିଜ୍‌ନେସ୍ ଟ୍ରାନ୍ସଫର୍ମେଶନର ବିଭାଗୀୟ ଉପାଧ୍ୟକ୍ଷ ଫ୍ରାଙ୍ଗ ଟୋରେସ କହିଛନ୍ତି, "ଭାରତ ନିସାନ ପାଇଁ ବିକାଶର ଏକ ମଜବୁତ ସ୍ତମ୍ଭ ଭାବେ ବଜାୟ ରହିଛି ଯାହା ନିସାନ ମାଗ୍ନାଇଟର ନିରନ୍ତର ସଫଳତା ଦ୍ୱାରା ପରିଚାଳିତ ହୋଇଛି। ଏହି ଲୋକପ୍ରିୟ ନିସାନ ମାଗ୍ନାଇଟ ବ୍ରାଣ୍ଡକୁ ୨୦୧୭- ୧୮ ପରଠାରୁ ୯୯,୦୦୦+ ୟୁନିଟର ଏହାର ସର୍ବୋଚ୍ଚ ଏକକ ବର୍ଷ ବିକ୍ରି ରେକର୍ଡ ହାସଲ କରିବାକୁ ସକ୍ଷମ କରିଛି। ନୂଆ ନିସାନ ମାଗ୍ନାଇଟର ରପ୍ତାନୀକୁ ଚଳିତ ବର୍ଷ ଏଲଏଚଡି ବଜାର ସମେତ ୬୫ରୁ ଅଧିକ ଆନ୍ତର୍ଜାତୀୟ ବଜାରକୁ ବିସ୍ତାର କରାଯାଇଛି। ନିସାନ ଭାରତୀୟ ବଜାର, ଗ୍ରାହକ, ଡିଲର ପାର୍ଟନର, କର୍ମଚାରୀ ଓ ହିତାଧିକାରୀଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛି। ନିସାନ ଓ ଏହାର ଡିଲର ପାର୍ଟନରମାନେ ବିଦ୍ୟମାନ ଓ ଭବିଷ୍ୟତର ନୂଆ ଗ୍ରାହକଙ୍କୁ ବିକ୍ରି ଓ ସେବା ଯୋଗାଇବା ଜାରି ରଖିବେ। ନିସାନର ଗୋଟିଏ ନୂଆ ବି- ଏମ୍‌ପିଭି ଓ ୨ଟି ନୂଆ ସି-ଏସ୍‌ୟୁଭି ଲଞ୍ଚ କରିବା ଯୋଜନା ମଧ୍ୟ ଅକ୍ଷୁର୍ଣ୍ଣ ରହିଛି। ଆମେ ଆମର ୱାନ କାର, ୱାନ ୱାର୍ଲ୍ଡ ପ୍ଲାନ ଅଧିନରେ ବିଶ୍ୱର ଅନ୍ୟ ଭାଗକୁ ଯାନ ରପ୍ତାନୀ କରିବା ପାଇଁ ଆମର ଯୋଜନାକୁ ଜାରି ରଖିଛୁ। ସେହିପରି ନିସାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୌରବ ବତ୍ସ କହିଛନ୍ତି, "୨୦୨୪-୨୫ ଆର୍ଥିକ ବର୍ଷ ଅଟୋ ଶିଳ୍ପ ପାଇଁ ଏକ ଆହ୍ୱାନପୂର୍ଣ୍ଣ ବର୍ଷ ହୋଇଥିବା ସତ୍ତ୍ୱେ ନୂଆ ମାଗ୍ନାଇଟ ଚମତ୍କାର ପ୍ରଦର୍ଶନ କରିଛି ଏବଂ ପ୍ରମାଣିତ କରିଛି ଯେ, ବି-ଏସ୍‌ୟୁଭି ଗ୍ରାହକଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବଜାୟ ରହିଛି। ନୂଆ ୭-ସିଟର ବି-ଏମପିଭି ଓ ୫-ସିଟର ସି-ଏସୟୁଭିର ସଦ୍ୟତମ ଘୋଷଣା ସହିତ ଆମେ ଏକ ଉତ୍ସାହଜନକ ଉତ୍ପାଦ ପୋର୍ଟଫୋଲିଓ ପ୍ରଦାନ କରିବା ଏବଂ ଗ୍ରାହକ ଅନୁଭୂତିକୁ ଉନ୍ନତ କରିବା ଲାଗି ଆମର ଡିଲର ନେଟ୍‌ୱର୍କକୁ ବିସ୍ତାର କରିବା ଉପରେ ଗୁରୁତ୍ୱ ଦେଉଛୁ।



## କାନପୁରରେ ପାଞ୍ଚ ମହଲା କୋଠାରେ ଅଗ୍ନିକାଣ୍ଡ : ପତି-ପତ୍ନୀ ଏବଂ ତିନି ଝିଅଙ୍କ ମୃତ୍ୟୁ

**କାନପୁର,(ହି.ସ):** ଧମନଗଞ୍ଜ ଥାନା ଅଞ୍ଚଳର ଗାନ୍ଧିନଗର ଅଞ୍ଚଳରେ ପାଞ୍ଚ ମହଲା କୋଠାରେ ଅଗ୍ନିକାଣ୍ଡରେ ପତି-ପତ୍ନୀ ଏବଂ ସେମାନଙ୍କର ତିନି ଜଣ ଝିଅଙ୍କ ମୃତ୍ୟୁ ହୋଇଛି।ପ୍ରାୟ ଆଠ ଘଂଟାର କଠିନ ପରିଶ୍ରମ ପରେ ସମସ୍ତ ମୃତଦେହ ଉଦ୍ଧାର କରାଯାଇଛି।ଏହି କୋଠାର ପ୍ରଥମ ଏବଂ ଦ୍ୱିତୀୟ ମହଲାରେ ଜୋତା-ଚପଲର କାରଖାନା ଅଛି।ତୃତୀୟ ଏବଂ ଚତୁର୍ଥ ମହଲାରେ ପରିବାର ରୁହନ୍ତି।ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ରବିବାର ରାତି ପ୍ରାୟ ୮.୩୦ରୁ ୯ଟା ସମୟ ମଧ୍ୟରେ କୋଠାର ତଳ ମହଲାରେ ଥିବା ଜୋତା କାରଖାନାରେ ହଠାତ ଅଗ୍ନିକାଣ୍ଡ ଘଟିଯାଇଥିଲା।କିଛି ସମୟ ମଧ୍ୟରେ ଦ୍ୱିତୀୟ ମହଲାରୁ ଚତୁର୍ଥ ମହଲାପର୍ଯ୍ୟନ୍ତ ବ୍ୟାପିଗଲା।କାରଖାନାରୁ ଅତ୍ୟଧିକ ଜ୍ୱଳନଶୀଳ ସାମଗ୍ରୀ ଥିବାରୁ ନିଆଁ ଭୟଙ୍କରରୁପ ନେଇଥିଲା।ସୁଚନା ପାଇବା ପରେ ପୋଲିସ ଏବଂ ଅଗ୍ନିଶମ ବାହିନୀ କର୍ମଚାରୀମାନେ କୋଠାରେ ଫସିରହିଥିବା ଲୋକଙ୍କୁ ସୁରକ୍ଷିତ ବାହାର କରିଥିଲେ।ଏହି ସମୟରେ ୧୦ ମିନିଟ ମଧ୍ୟରେ ତିନୋଟି ଶକ୍ତିଶାଳୀ ବିସ୍ଫୋରଣ ଘଟିଲା,ଯାହା ଫଳରେ ନିଆଁ ଆହୁରି ତୀବ୍ର ହୋଇଗଲା।

## ନେପାଳ ପୋଲିସ ୱେବସାଇଟ ହ୍ୟାକ୍ : ୨୦ ଲକ୍ଷ ନାଗରିକଙ୍କ ତଥ୍ୟ ଚୋରି

**କାଠମାଣ୍ଡୁ,(ହି.ସ):** ନେପାଳ ପୋଲିସର ସରକାରୀ ୱେବସାଇଟ ହ୍ୟାକ ହୋଇଛି ।ସାଇବର ଅପରାଧୀମାନେ ୨୦ ଲକ୍ଷରୁ ଅଧିକ ନାଗରିକଙ୍କ ତଥ୍ୟ ଚୋରି କରିଛନ୍ତି।ନାଗରିକଙ୍କ ସମ୍ବେଦନଶୀଳ ତଥ୍ୟ ଚୋରି ହେବା ସରକାରଙ୍କ ଚିନ୍ତା ବଢାଇଦେଇଛି। ପୋଲିସ ମୁଖପାତ୍ରଙ୍କ ଅନୁଯାୟୀ କେଏଜେଡୟୁ ନାମ ଏକ ହ୍ୟାକର ଗୋଷ୍ଠୀ ସମୂହ ସେମାନଙ୍କର ସରକାରୀ ୱେବସାଇଟକୁ ହ୍ୟାକ କରିଛି।ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ସର୍ଭରରେ ଉପସ୍ଥିତ ୨୦ ଲକ୍ଷ ନାଗରିକଙ୍କ ତଥ୍ୟ ଚୋରି ହୋଇଯାଇଛି।ହ୍ୟାକର୍ସ ଏହି ତଥ୍ୟକୁ ଡାର୍କ ୱେବରେ ରଖିଛନ୍ତି।ନେପାଳ ପୋଲିସର କେନ୍ଦ୍ରୀୟ ମୁଖପାତ୍ର ଡିଆଇଜି ଦିନେଶ ଆଚାର୍ଯ୍ୟ କହିଛନ୍ତି ଯେ ଡାର୍କ ୱେବରେ ରଖାଯାଇଥିବା ନେପାଳର ସମ୍ବେଦନଶୀଳ ତଥ୍ୟର ମୂଲ୍ୟ ହ୍ୟାକର ସାତ ହଜାର ଆମେରିକୀୟ ଡଲାର ରଖିଛନ୍ତି।

## ଉପରାଜ୍ୟପାଳ ବିନୟ କୁମାର ସକ୍ସେନା ଏବଂ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ତିନୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ସମୀକ୍ଷା କଲେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ

**ନୂଆଦିଲ୍ଲୀ,(ହି.ସ.):** କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀଠାରେ ଉପରାଜ୍ୟପାଳ ବିନୟ କୁମାର ସକ୍ସେନା ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତାଙ୍କ ସହ ଜାତୀୟ ରାଜଧାନୀରେ ତିନୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ନେଇ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ପୋଲିସ, କାରାଗାର, ଅଦାଲତ, ଅଭିଯୋଜନ ଏବଂ ଫରେନ୍ସିକ୍ ସମ୍ବନ୍ଧୀୟ ବିଭିନ୍ନ ନୂତନ ବ୍ୟବସ୍ଥାର କାର୍ଯ୍ୟକାରିତା ଏବଂ ବର୍ତ୍ତମାନର ସ୍ଥିତି ସମୀକ୍ଷା କରାଯାଇଥିଲା। ଏହି ବୈଠକରେ କେନ୍ଦ୍ର ଗୃହ ସଚିବ, ଜାତୀୟ ରାଜଧାନୀ ଅଞ୍ଚଳର ମୁଖ୍ୟ ସଚିବ, ଦିଲ୍ଲୀ ପୋଲିସ କମିଶନର, ପୋଲିସ ଅନୁସନ୍ଧାନ ଏବଂ ବିକାଶ ବ୍ୟୁରୋ (ବିପିଆରଆଣ୍ଡଡି) ର ମହାନିର୍ଦ୍ଦେଶକ, ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ର ନିର୍ଦ୍ଦେଶକ ଏବଂ ଗୃହ ମନ୍ତ୍ରଣାଳୟ (ଏମଏଚଏ) ଏବଂ ଦିଲ୍ଲୀ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରବର୍ତ୍ତିତ ତିନୋଟି ନୂଆ ଅପରାଧିକ ଆଇନର କାର୍ଯ୍ୟାନ୍ୱୟନ ଦ୍ୱାରା ତୃଣମୂଳ ସ୍ତରରେ ପୁଲିସର ଦକ୍ଷତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ। ଏହି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତାରେ ଅଧିକାରୀମାନଙ୍କ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ଦ୍ଦେଶ ଜାରି କରିଥିଲେ। ଶ୍ରୀ ଶାହ ଗୁରୁତ୍ୱାରୋପ କରିଥିଲେ ଯେ ୬୦ ଏବଂ ୯୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାର ପ୍ରକ୍ରିୟା ଉପରେ ନିରନ୍ତର ନଜର ରଖିବା ଆବଶ୍ୟକ ଏବଂ ଏହାର ସମୟସୀମା କଡାକଡି ପାଳନ କରାଯିବା ଉଚିତ। ସେ ଆହୁରି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ଘୃଣ୍ୟ ଅପରାଧିକ ମାମଲାରେ ଦଣ୍ଡବିଧାନ ହାରକୁ ଅତି କମରେ ୨୦ ପ୍ରତିଶତ ବୃଦ୍ଧି କରିବାକୁ ପ୍ରୟାସ କରାଯିବା ଉଚିତ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ଇ-ସମନ ସିଧାସଳଖ ଅଦାଲତରୁ ଜାରି କରାଯିବା ଉଚିତ, ଯାହାର ନକଲ ସ୍ଥାନୀୟ ଥାନାକୁ ପଠାଯିବା ଉଚିତ। ପ୍ରସିକ୍ୟୁସନ୍ ନିର୍ଦ୍ଦେଶାଳୟରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଯେକୌଣସି ମାମଲାରେ ଅପିଲ ସମ୍ବନ୍ଧୀୟ ନିଷ୍ପତ୍ତି ନିଜେ ପ୍ରସିକ୍ୟୁସନ୍ ନିର୍ଦ୍ଦେଶାଳୟ ଦ୍ୱାରା ନିଆଯାଉଛି ବୋଲି ସୁନିଶ୍ଚିତ କରିବାକୁ ମଧ୍ୟ ସେ ଆହ୍ୱାନ କରିଥିଲେ।

## ମହାନ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ଏଭଳି ଜଣେ ଦୂରଦ୍ରଷ୍ଟା ପ୍ରଜ୍ଞାପୁରୁଷ ଓଡ଼ିଶା ଇତିହାସରେ ଦୁର୍ଲ୍ଲଭ : ମନ୍ତ୍ରୀ




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ମହାନ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କର ମାଟି ଓ ଜାତିପ୍ରୀତିର ପଟ୍ଟାନ୍ତର ନାହିଁ । ଇଂରେଜ ବିରୋଧୀ ସଂଗ୍ରାମର ଅନ୍ୟତମ ଶ୍ରେଷ୍ଠ ନାୟକ ଥିଲେ କେନ୍ଦୁଝର ଭୂୟାଁ ସମ୍ପ୍ରଦାୟର ଧରଣୀଧର ନାଏକ । ପାହାଡ଼ ଜଙ୍ଗଲଭରା କେନ୍ଦୁଝରର ମୁକ୍ତିକାମୀ ଭୂୟାଁମାନଙ୍କୁ ସ୍ୱାଧୀନତାର ମନ୍ତ୍ର ପଢ଼େଇ ଧରଣୀଧର ସେମାନଙ୍କୁ ଯେପରି ଶକ୍ତିଶାଳୀ ବ୍ରିଟିଶ ଶକ୍ତି ବିରୋଧରେ ଲଢ଼ିବାକୁ ମାନସିକ ଓ ଶାରୀରିକ ଭାବେ ସକ୍ଷମ କରାଇ ପାରିଥିଲେ, ତାହା ଭାରତୀୟ ମୁକ୍ତି ସଂଗ୍ରାମର ଏକ ଯୁଗାନ୍ତକାରୀ ଅଧ୍ୟାୟ। ଏଭଳି ଜଣେ ଦୂରଦ୍ରଷ୍ଟା ପ୍ରଜ୍ଞାପୁରୁଷ ଓଡ଼ିଶା ଇତିହାସରେ ଦୁର୍ଲ୍ଲଭ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ, ଭୁବନେଶ୍ୱରସ୍ଥିତ କେନ୍ଦୁଝର ନାଗରିକ ପରିଷଦ ଓ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଭୂୟାଁ ମେଳିର କର୍ଣ୍ଣଧାର ବିପ୍ଳବୀ ଧରଣୀଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଜଙ୍ଗଲ ପାହାଡ଼ ଭରା କେନ୍ଦୁଝରର ମୁକ୍ତିକାମୀ ଭୂୟାଁମାନଙ୍କୁ ସ୍ୱାଧୀନତାର ମନ୍ତ୍ର ପଢ଼େଇ ବିପ୍ଳବୀ ଧରଣୀଧର ସେମାନଙ୍କୁ ଯେପରି ଶକ୍ତିଶାଳୀ ବ୍ରିଟିଶ ଶକ୍ତି ବିରୁଦ୍ଧରେ ଲଢ଼ିବାକୁ ମାନସିକ ଓ ଶାରୀରିକ ଭାବେ ସକ୍ଷମ କରାଇ ପାରିଥିଲେ, ତାହା ଭାରତୀୟ ମୁକ୍ତି ସଂଗ୍ରାମର ଏକ ଯୁଗାନ୍ତକାରୀ ଅଧ୍ୟାୟ । ଏହି ମହାନ୍ ନାଏକଙ୍କ ନେତୃତ୍ୱର ସବୁଠାରୁ ବଡ଼ଗୁଣ ଥିଲା ଅଦମ୍ୟ ସାହସ, ଅସୀମ ଧୈର୍ଯ୍ୟ ଓ ମାନବୀୟ ସହାନୁଭୂତି । ଗଡ଼ଜାତ ଅଞ୍ଚଳରେ ରାଜାମାନଙ୍କର ବେଠି ବିରୁଦ୍ଧରେ ପ୍ରଚଣ୍ଡ ସ୍ୱର ଉତ୍ତୋଳନ କରିଥିବା ବିପ୍ଳବୀ ଧରଣୀଧର ନାୟକ ଥିଲେ ଅଦମ୍ୟ ସାହସ ଓ ଅସରନ୍ତି ଉର୍ଜାର ମୂର୍ତ୍ତିମନ୍ତ ପ୍ରତୀକ । ଏଭଳି ଜଣେ ଦୂରଦ୍ରଷ୍ଟା ପ୍ରଜ୍ଞାପୁରୁଷ ଓଡ଼ିଶା ଇତିହାସରେ ଦୁର୍ଲ୍ଲଭ । ଇତିହାସରେ ତାଙ୍କ ଭୂମିକା ଓ ମାନ୍ୟତା ପର୍ଯ୍ୟାପ୍ତ ନୁହେଁ । ତାଙ୍କ ସଂପର୍କରେ ଐତିହାସିକ ଓ ଗବେଷକମାନେ ଅଧିକ ଉଚ୍ଚତର ଗବେଷଣା କରିବା ଉଚିତ । ପୂର୍ବ ସମୟରେ ଏହି ପୁଣ୍ୟଭୂମିରେ ଯେଉଁଠି ବି ଅତ୍ୟାଚର ହୋଇଛି ସେଠାରେ ପ୍ରତିରୋଧର ବହ୍ନି ପ୍ରଜ୍ୱଳିତ ହୋଇଛି । ଧରଣୀଧର ଥିଲେ ଏପରି ଜଣେ ଯୁଗଜନ୍ମା ଓଡ଼ିଆ ଯାହାଙ୍କ ବୀରତ୍ୱର ଗାଥା ବାବଦରେ ଉତ୍ତରପିଢ଼ିଙ୍କୁ ଅବଗତ କରାଇବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ସେ ମତପୋଷଣ କରିଥିଲେ। ତେଣୁ ଆଜି ରାଜ୍ୟ କେବଳ ବିପ୍ଳବୀ ଧରଣୀଧରଙ୍କ ସାହସିକତାକୁ ମନେ ପକାଇ ନୁହେଁ ବରଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ଅଧିକ ସଶକ୍ତ ଓ ସୁରକ୍ଷିତ କରିବା ଲାଗି ନିରନ୍ତର ପ୍ରଚେଷ୍ଟା ଚାଲିଛି। ସର୍ବୋପରି ଏହି ମହାନ୍ ବିପ୍ଳବୀ ଧରଣୀଧରଙ୍କ ପ୍ରତିଭା ଯୁଗେ ଯୁଗେ ଏ ଜାତିର ଚିରନମସ୍ୟ ହୋଇ ରହିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ମାନ୍ୟବର ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଲେ ଯେ ଧରଣୀଧର ଜଣେ କ୍ରାନ୍ତିକାରୀ ଯୋଦ୍ଧା ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ ବ୍ୟକ୍ତିତ୍ୱ ଥିଲା ସଂଗ୍ରାମ ଓ ସନ୍ୟାସର ସମନ୍ୱୟ, ବିପ୍ଳବ ଓ ଭକ୍ତିର ମିଳନ। ଜନଜାତିଙ୍କ ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ନିମନ୍ତେ ଇଂରେଜ ଶାସନ ବିରୁଦ୍ଧରେ ଲଢ଼ି ନିଜ ଜୀବନ ଉତ୍ସର୍ଗ କରିଥିଲେ। ଆଜି ଓଡ଼ିଶା ସରକାର ଜନଜାତିଙ୍କ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି । ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନକୁ ଆମର ରାଷ୍ଟ୍ରୀୟ କର୍ତ୍ତବ୍ୟ ରୂପେ ଗ୍ରହଣ କରି ସମସ୍ତେ ନିଜ ନିଜ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଜନଜାତି ସଂସ୍କୃତି ଗବେଷକ ଏବଂ ଲେଖକ ଡଃ ଅଖିଳ ବିହାରୀ ଓତା ଧରଣୀଧର ଭୂୟାଁଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଓ ଜୀବନାଦର୍ଶ ଉପରେ ବିସ୍ତୃତ ଭାବରେ ଆଲୋକପାତ କରିବାକୁ ଯାଇ କହିଲେ ଯେ ବଣ ପାହାଡ଼ କୋଳରେ ବଢ଼ିଥିବା ପ୍ରକୃତିପ୍ରିୟ ଜନଜାତି ରାଜାଙ୍କ ଅତ୍ୟାଚରରେ ଅତିଷ୍ଠ ହୋଇପଡ଼ିଥିବା ଶାନ୍ତ, ସରଳ ଜନଜାତିଙ୍କୁ ଏକତ୍ରିତ କରି ବିପ୍ଳବୀ ଧରଣୀଧର ଅନ୍ୟାୟ ଅନୀତି ବିରୁଦ୍ଧରେ ସଂଗ୍ରାମ କରିଥିଲେ। ଗଡ଼ଜାତ ଅଞ୍ଚଳରେ ବେଠି, ବେଗାରି, ମାଗଣ ଓ ଭେଟି ପରି ଅନ୍ୟାୟ ଅନୀତି ବିରୁଦ୍ଧରେ ମେଳି ବା ସଂଗ୍ରାମ କରି ଦେଶ ସ୍ୱାଧୀନ ହେବା ପୂର୍ବରୁ ଧରଣୀଧର ଏକ ଜନମଙ୍ଗଳ ରାଷ୍ଟ୍ରର ପରିକଳ୍ପନା କରିଥିଲେ ବୋଲି ଡଃ ଓତା ପ୍ରକାଶ କରିଥିଲେ। କେନ୍ଦୁଝର ନାଗରିକ ପରିଷଦ, ଭୁବନେଶ୍ୱରର ସଭାପତି ପ୍ରଫେସର ଡ. ହାଡ଼ିବନ୍ଧୁ ପଟ୍ଟନାୟକ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ ପୂର୍ବକ କହିଲେ ଯେ ବିପ୍ଳବୀ ଧରଣୀଧର ଜଣେ ସାହସୀ, ସ୍ୱାଭିମାନୀ ଓ ସତ୍ୟନିଷ୍ଠ ପ୍ରଜ୍ଞା ପୁରୁଷ ଥିଲେ। ଜନଜାତିଙ୍କ ଆଦର୍ଶ ପୁରୁଷ ଭାବରେ ସେମାନଙ୍କୁ ଅନ୍ୟାୟ, ଅନୀତି ଓ ଅତ୍ୟାଚର ବିରୁଦ୍ଧରେ ସଂଗ୍ରାମ କରିବାକୁ ସେ ପ୍ରେରଣା ଦେଇଥିଲେ । ତାଙ୍କ ଜୀବନୀ ଓ ଆଦର୍ଶ ଉତ୍ତରପିଢ଼ି ନିମନ୍ତେ ଅନୁକରଣୀୟ ହୋଇ ରହିବ ବୋଲି ସେ ପ୍ରକାଶ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସଭାପତିତ୍ୱ କରି କହିଲେ ଯେ ମହାନ ବିପ୍ଳବୀ ଧରଣୀଧର ନାଏକ ହେଉଛନ୍ତି ଓଡ଼ିଶା ମାଟିର ସ୍ୱାଧୀନଚେତା ମନୋଭାବର ବିଶିଷ୍ଟ ପ୍ରତିନିଧି । ମାଟି ଓ ମଣିଷର ମୁକ୍ତି ଲାଗି ବିପ୍ଳବୀ ଧରଣୀଧରଙ୍କ ସମଗ୍ର ଜୀବନ ସମର୍ପିତ ଥିଲା। ବ୍ରିଟିଶ ଶାସନ ଓ ରାଜତନ୍ତ୍ରର ଅତ୍ୟାଚର ବିରୋଧରେ କେନ୍ଦୁଝର ଅଞ୍ଚଳରେ ବିପ୍ଳବୀ ଧରଣୀଧର ନାୟକ, ଭୂୟାଁ ବିପ୍ଳବର ଯେଉଁ ଅଦମ୍ୟ ସାହସ ଓ ବୁଦ୍ଧିର ସହ ନେତୃତ୍ୱ ନେଇଥିଲେ ତାହା ସମଗ୍ର ଭାରତ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ଶ୍ରୀ ସିଂହ କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାନ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିର ସଭାପତି ଧ୍ରୁବ କାଲୋ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସମ୍ବଲପୁରୀ ଲୋକସଙ୍ଗୀତ ଓ ଜନଜାତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଲୋକସମ୍ପର୍କ ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ, ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସରକାର ଓ ସଂଗଠନର ମିଳିତ ପ୍ରୟାସରେ କୃଷି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହେବ : ମନମୋହନ ସାମଲ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ସ୍ୱଳ୍ପ ସମୟ ମଧ୍ୟରେ କରିଥିବା କୃଷକ କଲ୍ୟାଣକାରୀ ଯୋଜନା ଏକ ଐତିହାସିକ ପଦକ୍ଷେପ। ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବା, ୫୮ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର କରିବା, ୧୫ ଲକ୍ଷ ହେକ୍ଟର ଜମିକୁ ଜଳ ସେଚିତ କରିବା ନିଷ୍ପତ୍ତି, ସିଏମ୍ କିଶାନ ଯୋଜନା ଇତ୍ୟାଦି କୃଷକ କଲ୍ୟାଣକାରୀ ଯୋଜନା ଓଡ଼ିଶାର ଚାଷୀମାନଙ୍କ ଆୟକୁ ଦୁଗୁଣିତ କରିବା ସହ ରାଜ୍ୟକୁ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳ କରିବ ବୋଲି ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ କୃଷକ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟ ସଭପତି ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ବିଜେପି ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବା ସହ କୃଷି ଭିତ୍ତିଭୂମିର ବିକାଶ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରକାରଙ୍କ ଏସବୁ କୃଷି କଲ୍ୟାଣକାରୀ ଯୋଜନାଗୁଡ଼ିକୁ ରାଜ୍ୟର ସବୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାର ଓ ସଂଗଠନର ମିଳିତ ପ୍ରୟାସରେ ଓଡ଼ିଶାକୁ କୃଷି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିହେବ ବୋଲି ଶ୍ରୀ ସାମଲ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ କହିଛନ୍ତି ଯେ, କୃଷକଙ୍କୁ ନୂଆ ବୈଷୟିକ ଜ୍ଞାନ ଓ କୌଶଳ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। କେବଳ ଧାନ ନୁହେଁ ଅନ୍ୟାନ୍ୟ ଚାଷ କ୍ଷେତ୍ରରେ ରାଜ୍ୟ ଏବେ ରପ୍ତାନୀ ରାଜ୍ୟ ଭାବେ ପରିଣତ ହୋଇଛି। ଢେଙ୍କାନାଳରୁ ଆମ୍ବ, ବଲାଙ୍ଗୀରରୁ ଷ୍ଟ୍ରବେରୀ ଏବଂ ଜୈବିକ ଫଳ ରପ୍ତାନି କରାଯାଉଛି। ୫୮ଟି ଉପଖଣ୍ଡରେ ଏଲ୍‌ଇଡି ମାଧ୍ୟମରେ ଚାଷୀଙ୍କୁ କୃଷକ କଲ୍ୟାଣ ଯୋଜନା ବିଷୟରେ ଅବଗତ କରାଯାଉଛି। ସରକାର ସବୁଜ ବିପ୍ଳବ ଉପରେ ଗୁରୁତ୍ୱ ଦେଉଛନ୍ତି। ଯାହା ଚାଷୀଙ୍କୁ ଆଗାମୀ ଦିନରେ ତିନିଗୁଣ ଲାଭ ଦେବ ବୋଲି ଶ୍ରୀ ସିଂଦେଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମନ୍ତ୍ରୀ ସୁରେଶ ପୂଜାରୀ ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରି ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଉପରେ ଗୁରତ୍ୱାରୋପ କରିଥିଲେ। କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଏହି ବୈଠକ ଆୟୋଜନ କରାଯାଇଥିଲା। ଏହି ଅବସରରେ ଶ୍ରୀ ସାହୁ କହିଛନ୍ତି ଯେ, ରାଜ୍ୟର ୨୦ଟି ଜିଲ୍ଲାରେ ୧୭ ଲକ୍ଷ ମେଟ୍ରିକ ଟନ୍ ରବି ଧାନ କିଣାଯିବ। ଏହି ଧାନ କିଣା କାରବାରବେଳେ ସମସ୍ତ ଧାନମଣ୍ଡିରେ ବିଜେପି କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଜାଗ୍ରତ ପ୍ରହରୀ ଭଳି କାମ କରିବେ। ଯେଉଁ ପ୍ରଶାସନିକ ଅଧିକାରୀ ଓ ମିଲର ବାଧା ସୃଷ୍ଟି କଲେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ନିଷ୍ପତି ନେଇଛନ୍ତି ବୋଲି ଶ୍ରୀ ସାହୁ କହିଛନ୍ତି। ବୈଠକରେ ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ଉପସଭାପତି ତଥା କୃଷକ ମୋର୍ଚ୍ଚା ପ୍ରଭାରୀ ଗୋଲକ ମହାପାତ୍ରଙ୍କ ସମେତ ଶିବାଜୀ ମହାନ୍ତି, ହଳପାଣି ମାଝୀ, ପୁଲିନ ପୁହାଣ, ଉପେନ୍ଦ୍ର ଭଞ୍ଜ, ମନୋଜ ସାହୁ, ପ୍ରଶାନ୍ତ ସ୍ୱାଇଁ, ବିକ୍ରମ କେଶରୀ ରାଉତରାୟ, ବିଶ୍ୱଜିତ୍ ସ୍ୱାଇଁ, ଜଗନ୍ନାଥ ମହାପାତ୍ର, କେଶରୀ ଦୁର୍ଗା, ସୁମନ୍ତ ମହାରଣା, ଲକ୍ଷ୍ମଣ ତ୍ରିପାଠୀ, ଗୋବିନ୍ଦ ପ୍ରଧାନ, ସନ୍ତୋଷ ସ୍ୱାଇଁ, ପ୍ରଭାକର ସ୍ୱାଇଁ, ଶ୍ରୀନିବାସ ପ୍ରଧାନ, ଅଜୟ ପ୍ରଧାନ ଏବଂ ସମସ୍ତ ଜିଲାର ଧାନ ସଂଗ୍ରହ କମିଟି ଚାଷୀ ପ୍ରତିନିଧମାନେ ଉପସ୍ଥିତ ଥିଲେ।

# ସିଙ୍ଗାପୁରଠାରେ ଫାଇଫ ଷ୍ଟାର ଓଲିଉଡ ମହୋତ୍ସବ ପାଇଁ ଜୋରଦାର ପ୍ରସ୍ତୁତି




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ସିଙ୍ଗାପୁରଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଫାଇଫ ଷ୍ଟାର ଓଲିଉଡ ପୁରସ୍କାରକୁ କେନ୍ଦ୍ର କରି ଜୋରଦାର ପ୍ରସ୍ତୁତି ପର୍ବ ଚାଲିଥିବା ଲକ୍ଷ୍ୟ କରାଯାଉଛି। ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ଦ୍ୱିତୀୟ ଥର ପାଇଁ ଦେଶ ବାହାରେ ଆରଆରଇଭେଣ୍ଟସ ଏଣ୍ଡ ସିନେ ପ୍ରଡକ୍ସନ (ଆରଆରଇସିପି) ଏବଂ ଓଡ଼ିଆ ସୋସାଇଟି ଅଫ୍ ସିଙ୍ଗାପୁରର ମିଳିତ ଉଦ୍ୟମରେ ଏହି ଚଳଚ୍ଚିତ୍ର ମହୋତ୍ସବ ଆୟୋଜିତ ହେବାକୁ ଯାଉଛି। ଓଲିଉଡ ପୁରସ୍କାରକୁ ଭାରତ ବାହାରକୁ ନେଇ ଏହାକୁ ଅନ୍ତର୍ଜାତୀୟସ୍ତରରେ ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରିବା ପାଇଁ ଆରଆରଇ ଭେଣ୍ଟସ ଓ ସିନେ ପ୍ରଡକନ୍ସର ପ୍ରତିଷ୍ଠାତା ରମେଶ ବାରିକଙ୍କର ମହତ ଆକାଂକ୍ଷା ରହିଥିବା ଜଣାଯାଇଛି। ଏହା ପୂର୍ବରୁ ଦେଶ ବାହାରେ ପ୍ରଥମ ଥର ପାଇଁ ଆର. ଆରଇସିପି ଦୁବାଇଠାରେ ଗତ ବର୍ଷ ଏହି ପୁରସ୍କାର ସମାରୋହ ବ୍ୟାପକ ସଫଳତାର ସହ ଆୟୋଜନ କରିଥିଲା। ଫାଇଫ ଷ୍ଟାର ଫିଲ୍ମ ଆୱାର୍ଡସ-୨୦୨୫ ସିଙ୍ଗାପୁର ନାମରେ ନାମିତ ଏହି ରଙ୍ଗାରଙ୍ଗ ଉତ୍ସବରେ ଓଡ଼ିଶାର ଉତ୍କୃଷ୍ଟ କଳା, ଉନ୍ନତ ସଂସ୍କୃତି ଓ ଉଚ୍ଚକୋଟୀର ଚଳଚ୍ଚିତ୍ରର ଅନନ୍ୟ ଓ ନିଆରା ପ୍ରଦର୍ଶନ ଦେଖିବାକୁ ମିଳିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଏହି ଭବ୍ୟ ଓ ଦିବ୍ୟ ଉତ୍ସବରେ ଓଡ଼ିଶାର ହସ୍ତତନ୍ତ ପ୍ରଦର୍ଶନୀ, ବୟନିକା ପକ୍ଷରୁ ଫ୍ୟାଶନ ସୋ, ମନଲୋଭା ଓଡ଼ିଶୀ ନୃତ୍ୟ ଏବଂ ସୁଲଳିତ ସଙ୍ଗୀତର ମଧୁର ମୂର୍ଚ୍ଛନା ମଧ୍ୟ ସ୍ଥାନ ପାଇବାକୁ ଯାଉଛି। ସିଙ୍ଗାପୁରର ୱାନ୍ ୱାର୍ଲଡ ଇଣ୍ଟରନେସନାଲ ସ୍କୁଲର କ୍ୱାଣ୍ଟମ ଏରେନା ପ୍ରେକ୍ଷାଳୟଠାରେ ଆସନ୍ତା ୧୦ ତାରିଖର ଅପରାହ୍ନରେ ଆରମ୍ଭ ହେବାକୁ ଯାଉଥିବା ଏହି ବିଶ୍ୱସ୍ତରୀୟ ଚଳଚ୍ଚିତ୍ର ମହାକୁମ୍ଭରେ, ସିଙ୍ଗାପୁରରେ ଅବସ୍ଥାନ କରୁଥିବା ସହସ୍ରାଧିକ ମାନ୍ୟଗଣ୍ୟ ଓଡ଼ିଆ, ଓଲିଉଡ ପ୍ରେମୀ ଜନସାଧାରଣ ଏବଂ ଓଡ଼ିଆ ତାରକାମାନଙ୍କର ପ୍ରଶଂସକ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଫାଇଫ ଷ୍ଟାର ଫିଲ୍ମ ଆୱାର୍ଡସ ଉତ୍ସବରେ ଭାଗ ନେବା ପାଇଁ ଓଡ଼ିଶାର ଚଳଚ୍ଚିତ୍ର, ନୃତ୍ୟ ଓ ସଙ୍ଗୀତ ଜଗତର ପ୍ରାୟ ୧୦୦ ଜଣ ନାମଦାମୀ କଳାକାର ଭୁବନେଶ୍ୱରରୁ ସିଙ୍ଗାପୁର ଅଭିମୁଖେ ବିମାନ ଯାତ୍ରା କରିବାକୁ ଯାଉଥିବା ଜଣାପଡ଼ିଛି। ଏହି ଦ୍ୱିତୀୟ ଅନ୍ତର୍ଜାତୀୟ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ଅତିଥି ଭାବରେ ଭାରତୀୟ ହାଇକମିଶନର ପ୍ରଥମ ଅଫିସର ସାନିୟାନ ଯୋଶୀ, ବିଶିଷ୍ଟ ଉଦ୍ୟୋଗପତି କେ. ରାମମୂର୍ତ୍ତି, ବିଧାୟକ ଆକାଶ ଦାସ ନାୟକ, ପ୍ରଶାନ୍ତ ଜୟଦେବ, ଅଗସ୍ତି ବେହେରା, ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବିଜେତାମାନଙ୍କୁ ଚୟନ କରିବା ପାଇଁ ଉଦ୍ଦିଷ୍ଟ କମିଟିର ଅଧ୍ୟକ୍ଷ ଭାବରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ରହିଛନ୍ତି। ଓଡ଼ିଆ ସିନେମାର ଗୁଣବତ୍ତା ଓ ପାରଦର୍ଶିତାକୁ ବିଶ୍ୱ ଦରବାରରେ ପରିଚିତ ଓ ପ୍ରତିଷ୍ଠିତ କରାଇବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକ ରମେଶ ବାରିକ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ସମାରୋହର ସହ ଆୟୋଜକ ଓଡ଼ିଆ ସୋସାଇଟି ଅଫ୍ ସିଙ୍ଗାପୁରର ସଭାପତି ସୁବ୍ରତ ନାୟକ, ଓଡ଼ିଶାର ଅନାବିଷ୍କୃତ କଳା, ସଂସ୍କୃତି, ପର୍ଯ୍ୟଟନ, ବ୍ୟଞ୍ଜନ, ପରିପାଟି, ଭାସ୍କର୍ଯ୍ୟ ଓ ହସ୍ତଶିଳ୍ପ ଆଦି ସମ୍ପର୍କରେ ସିଙ୍ଗାପୁରରେ ଜନ ସଚେତନତା ସୃଷ୍ଟି କରିବା ଓ ଏସବୁ କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଅସଲ ଉଦ୍ଦେଶ୍ୟ ବୋଲି ଦର୍ଶାଇଛନ୍ତି। ମହୋତ୍ସବର ମୁଖ୍ୟ ଉପଦେଷ୍ଟା ତଥା ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଓଡ଼ିଆ ସିନେମାର ପ୍ରତିଭାବାନ କଳାକାରମାନଙ୍କୁ ସିଙ୍ଗାପୁରର ବୈଶିକ ମଞ୍ଚରେ ପୁରସ୍କୃତ କରିବା ପାଇଁ ଆରଆର ଇଭେଣ୍ଟସ ସିନେ ପ୍ରଡକନ୍ସର ଏଭଳି ସାଧୁ ଉଦ୍ୟମ ନିଶ୍ଚିତ ଭାବରେ ପ୍ରଶଂସନୀୟ ବୋଲି ପ୍ରକାଶ କରିଛନ୍ତି।

# ଫିଟ୍‌ଜି ନିଜ ସ୍ଥିତିକୁ ଫେରିବ, ଅଧ୍ୟକ୍ଷ ଗୋଏଲଙ୍କ ଦାବି : ପ୍ରତ୍ୟେକ ଛାତ୍ରଙ୍କର ଆପତ୍ତି ପ୍ରତି ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଫିଟ୍‌ଜି ଲିମିଟେଡର ଅଧ୍ୟକ୍ଷ ଡି.କେ.ଗୋଏଲ ଏହି ପ୍ରତିଷ୍ଠାନରେ ନାମ ଲେଖାଇଥିବା ସମସ୍ତ ଛାତ୍ର ଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ଫିଟ୍‌ଜି ଆଗାମୀ ମାସଗୁଡିକରେ ତାହାର ପୂର୍ବ ସ୍ଥିତିକୁ ଫେରିବ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ଦ୍ୱାରା କରାଯାଇଥିବା ସମସ୍ତ ଅଭିଯୋଗକୁ ସେ ଦୃଢ ଭାବରେ ଖଣ୍ଡନ କରିଛନ୍ତି। ସେ ପୁନଶ୍ଚ ସ୍ୱଷ୍ଟ କରିଦେଇ କହିଛନ୍ତି ଯେ ଫିଟ୍‌ଜି ବନ୍ଦ ହେଉନାହିଁ ଏବଂ ସାମୟିକ ଭାବରେ ବନ୍ଦ ହୋଇଥିବା ସମସ୍ତ ସେଣ୍ଟର ଆଗାମୀ ମାସରେ ପୁନଶ୍ଚ କାର୍ଯ୍ୟକ୍ଷମ ହେବ। ଅନ୍‌ଲାଇନ କ୍ଲାସଗୁଡିକ ସ୍ୱାଭାବିକ ଭାବରେ ଜାରି ରହିଛି ଏବଂ ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କର ଏହିସବୁ ସେସନ୍‌ଗୁଡିକରେ ଯୋଗଦେବାର ଅଧିକାର ରହିଛି। ଶ୍ରୀ ଗୋଏଲ କହିଛନ୍ତି ଯେ, କିଛି ଖଳ ପ୍ରକୃତିର ଅଂଶୀଦାର ଏବଂ ଷ୍ଟାଫ ସଦସ୍ୟଙ୍କ ଦ୍ୱାରା ଆର୍ଥିକ ସମସ୍ୟା ସୃଷ୍ଟି କରାଯାଇଥିଲା ଏବଂ ତାହା ଫିଟ୍‌ଜି ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇନାହିଁ। ସେ ଜୋର ଦେଇ କହିଛନ୍ତି ଯେ କ୍ଲାସଗୁଡିକରେ ବ୍ୟାଘାତ ସୃଷ୍ଟି କରିବାକୁ ଇଚ୍ଛାକୃତ ଭାବରେ କୌଣସି ଉଦ୍ୟମ କରାଯାଇନାହିଁ। ସେ କହିଛନ୍ତି ଯେ, ଭୁବନେଶ୍ୱର, ଚେନ୍ନାଇ, ଦିଲ୍ଲୀ (ଉତ୍ତର ପୂର୍ବ, ଦ୍ୱାରକା ଓ ଦକ୍ଷିଣ), ହାଇଦରାବାଦ (ଦିଲଖୁସନଗର, କୁକଟପାଲ୍ଲି ଏବଂ ସଇଫାବାଦ), କୋଟି, କଲକାତା (ଉତ୍ତର ଓ ଦକ୍ଷିଣ) ଏବଂ ବିଜୟୱାଡା ସେଣ୍ଟରଗୁଡିକରେ କ୍ଲାସରୁମ୍ ପାଠ୍ୟକ୍ରମ ଏବେ ମଧ୍ୟ ଚାଲିଛି। ଅନ୍ୟ ସେଣ୍ଟରଗୁଡିକରେ ଆଗାମୀ ମାସଗୁଡିକରେ କ୍ଲାସ ପୁନଃ ଆରମ୍ଭ ହେବା ଆଶା କରାଯାଉଛି। ଶ୍ରୀ ଗୋଏଲ ସମସ୍ତ ପଞ୍ଜିକୃତ ଛାତ୍ରଛାତ୍ରୀଙ୍କୁ ଭରସା ଦେଇ କହିଛନ୍ତି ଯେ ଶିକ୍ଷାଗ୍ରହଣ ପାଇଁ ସେମାନଙ୍କର ଅଧିକାର ଏଫଆଇଆଇଟି ଜେଇଇରେ ସୁରକ୍ଷିତ ରହିଛି ଏବଂ ପରିଚାଳନା କର୍ତ୍ତୃପକ୍ଷ ସେମାନଙ୍କର ସମସ୍ତ ଆପତ୍ତି ଅଭିଯୋଗ ପ୍ରତି ଧ୍ୟାନ ଦେବାକୁ ପୂର୍ଣ୍ଣ ପ୍ରତିବଦ୍ଧ ରହିଛନ୍ତି। ଶ୍ରୀ ଗୋଏଲ ଜୋର ଦେଇ କହିଛନ୍ତି ଯେ, ଫିଟ୍‌ଜି ଆଇଆଇଟି ତାଲିମ କ୍ଷେତ୍ରରେ ଏକ ନୂଆ ସଂସ୍ଥା ନୁହେଁ, ବରଂ ଏହା ଏଭଳି ପ୍ରତିଷ୍ଠାନ ଯାହାର ଗୌରବାବହ ଇତିହାସ ଏବଂ ଭରସାଯୋଗ୍ୟ ପିଛିଲା ରେକର୍ଡ ରହିଛି। ସେ କହିଛନ୍ତି ଯେ, ଫିଟ୍‌ଜି ଭାରତରେ ଆଇଆଇଟି-ଜେଇଇ/ଜେଇଇ ଆଡଭାନ୍ସଡ କ୍ଷେତ୍ରରେ ୧୯୯୭ରୁ ଏବଂ ଜେଇଇ ମେନ୍ (ପୂର୍ବର ଏଆଇଇଇଇ)ରେ ଏହା ୨୦୧୨ରେ ଆରମ୍ଭ ହେବା ଦିନଠାରୁ ସର୍ବାଧିକ ସଂଖ୍ୟକ ଶୀର୍ଷ ର୍ୟାଙ୍କ ଓ ମନୋନୀତ ଛାତ୍ର ଛାତ୍ରୀ ସୃଷ୍ଟି କରିଛି। ଏଥିସହିତ ଫିଟ୍‌ଜି ଏନଟିଏସଇ, ଜୁନିୟର ସାଇନ୍ସ ଅଲିମ୍ପିଆଡ, ସିନିୟର ସାଇନ୍ସ ଅଲିମ୍ପିଆଡ ଏବଂ ମ୍ୟାଥେମାଟିକାଲ ଅଲିମ୍ପିଆଡରେ ବିଗତ ୧୫ବର୍ଷ ଧରି ମନୋନୟନରେ ଅଗ୍ରଣୀ ସ୍ଥାନ ନେଇଆସିଛି- ଯେଉଁ ସଫଳତା ଉତ୍କର୍ଷ ପ୍ରତି ଗଭୀର ପ୍ରତିବଦ୍ଧତା ବିନା ଅସମ୍ଭବ ବୋଲି ସେ କହିଛନ୍ତି। ଫିଟ୍‌ଜି ନିମନ୍ତେ ଜେଇଇ ମେନ୍ ଫଳାଫଳ ପୂର୍ବ ବର୍ଷଗୁଡିକ ଭଳି ଚଳିତ ବର୍ଷ ମଧ୍ୟ ଭଲ ହୋଇଛି। ଶୀର୍ଷ ଏଆଇଆର ୧୦୦୦ ଏବଂ ଶୀର୍ଷ ୧୦,୦୦୦ରେ ଫିଟ୍‌ଜି ସେଣ୍ଟରଗୁଡିକରୁ ଅନେକ ର୍ୟାଙ୍କଧାରୀ ରହିଛନ୍ତି। ଏହା କେବଳ ଟପ୍ପର ନୁହଁନ୍ତି, ସମୂହଙ୍କ ମଧ୍ୟରେ ଫିଟ୍‌ଜିର କାର୍ଯ୍ୟକାରିତା ସମ୍ପର୍କରେ ଉଲ୍ଲେଖ କରୁଛି। ଫିଟ୍‌ଜି ରେ ଅଧ୍ୟୟନ କରୁଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ବାସ୍ତବ ସାମର୍ଥ୍ୟକୁ ପଦାକୁ ଆଣିବା ଦିଗରେ ଫିଟ୍‌ଜି ର ସାମଗ୍ରିକ ରୂପାନ୍ତରଣକାରୀ ପଦ୍ଧତି ଯୋଗୁଁ ସମ୍ଭବ ହୋଇପାରିଛି। "ଆମେ ଦୃଢ ନିଶ୍ଚିତ ଯେ ଜେଇଇ ଆଡଭାନ୍ସଡରେ ମଧ୍ୟ ଆମେ ଏହାଠାରୁ ଭଲ କରିବୁ," ବୋଲି ଗୋଏଲ କହିଛନ୍ତି। ଚାଲେଞ୍ଜଗୁଡିକ ସତ୍ତ୍ୱେ ଶ୍ରୀ ଗୋଏଲ ଭରସା ଦେଇ କହିଛନ୍ତି ଯେ, ଫିଟ୍‌ଜି ଚଳିତ ଶିକ୍ଷା ନିମନ୍ତେ ସେବା ଯୋଗାଇଦେବାକୁ ପ୍ରତିବଦ୍ଧ ରହିଛି। କ୍ଲାସଗୁଡିକ ୨୦୨୫ ଏପ୍ରିଲରୁ ଆରମ୍ଭ ହେବାକୁ ସ୍ଥିରୀକୃତ ହୋଇଥିଲା ଏବଂ ଘୋଷିତ ସୂଚୀ ଅନୁଯାୟୀ ଅନ୍‌ଲାଇନ କ୍ଲାସଗୁଡିକ ଆରମ୍ଭ ହୋଇସାରିଛି। ସରକାରୀ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କଲେ ଅଫ୍‌ଲାଇନ କ୍ଲାସଗୁଡିକ ଖୁବଶୀଘ୍ର ଆରମ୍ଭ ହେବ। ସେ କହିଛନ୍ତି, ପୂର୍ବ ଶିକ୍ଷାବର୍ଷରେ ନାମ ଲେଖାଇଥିବା ଛାତ୍ର ଛାତ୍ରୀ ୨୦୨୩-୨୪ ପର୍ଯ୍ୟନ୍ତ ପୂର୍ଣ୍ଣ ସେବା ପାଇଥିଲେ ଏବଂ ସ୍କୁଲ ଓ ବୋର୍ଡ ପରୀକ୍ଷାଗୁଡିକ ନିମନ୍ତେ ସାମୟିକ ବିରତିନ ପୂର୍ବରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ଅଧିକାଂଶ ବ୍ୟାଘାତଶୂନ୍ୟ ସେବା ଲାଭ କରିଥିଲେ। ଶ୍ରୀ ଗୋଏଲ ସରକାର ଏବଂ ତଦନ୍ତକାରୀ ସଂସ୍ଥାଗୁଡିକ ଏକ ନ୍ୟାୟସଙ୍ଗତ ଏବଂ ନିରପେକ୍ଷ ତଦନ୍ତ କରିବା ସହିତ ଛାତ୍ର ଛାତ୍ରୀଙ୍କର ଶିକ୍ଷାଗ୍ରହଣରେ ଯେଭଳି ଅନାବଶ୍ୟକ ଭାବରେ ବ୍ୟାଘାତ ସୃଷ୍ଟି ନହୁଏ ତାହା ସୁନିଶ୍ଚିତ ନହୁଏ ସେଥିପାଇଁ ନିବେଦନ କରିଛନ୍ତି। ବ୍ୟାଙ୍କ ଆକାଉଣ୍ଟ ଅକାମୀ ଏବଂ ଗଣମାଧ୍ୟମରେ ଭୁଲ ତଥ୍ୟ ଉପସ୍ଥାପନ କରାଯିବା ସତ୍ତ୍ୱେ ଏଫଆଇଆଇଟି ଜେଇଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବା ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧ ରହିଛି।

# ନର୍ସମାନଙ୍କ ସେବା ଯୋଗୁ ହିଁ ରୋଗୀ ସୁସ୍ଥ ହୋଇଥାନ୍ତି : ପଦ୍ମଶ୍ରୀ ପ୍ରଫେସର ଅଶୋକ ମହାପାତ୍ର

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଡାକ୍ତରମାନେ ରୋଗୀଙ୍କର ଚିକିତ୍ସା କରୁଥିବା ବେଳେ ସେମାନଙ୍କର ସେବା ଓ ଯତ୍ନ ସେବିକାମାନେ ହିଁ କରିଥାନ୍ତି । ସେମାନେ ରୋଗୀଙ୍କ ପାଖରେ ଦିନରାତି ରହି ସେମାନଙ୍କୁ ସୁସ୍ଥ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ତେଣୁ ଜଣେ ରୋଗୀ ସୁସ୍ଥ ହେବାରେ ନର୍ସମାନଙ୍କର ଭୂମିକା ଅନେକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଆନ୍ତର୍ଜାତିକ ସେବିକା ସପ୍ତାହ-୨୦୨୫ ପାଳନ ଅବସରରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ତଥା ପୂର୍ବତନ କୁଳପତି ଏବଂ ନିକଟରେ ରାଷ୍ଟ୍ରପତିଙ୍କ ଦ୍ୱାରା ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିବା ପ୍ରଫେସର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ ହସ୍ପିଟାଲର ଉତ୍ତମ ରୋଗୀ ସେବାରେ ନର୍ସ ମାନଙ୍କ ଭୂମିକାର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନର୍ସମାନଙ୍କୁ ସଶକ୍ତ କରିବା, ସଚେତନ କରିବା, ସମସ୍ୟାର ସମାଧାନ କରିବା ଏବଂ ସେମାନଙ୍କୁ ଚାପମୁକ୍ତ କରିବା ନିମନ୍ତେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାସ ଏବଂ ସାମାଜିକ କର୍ମୀ ସୁଶ୍ରୀ ଆରତୀ ଦେବୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଷ୍ଟ୍ର ଗଠନରେ ନର୍ସମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ନିଜ ପରିବାରକୁ ପଛରେ ପକାଇ ରୋଗୀଙ୍କ ସେବା କ୍ଷେତ୍ରରେ ନର୍ସମାନଙ୍କର କାର୍ଯ୍ୟ ପ୍ରଶଂସନୀୟ ଏବଂ ଅତୁଳନୀୟ ବୋଲି କହିଥିଲେ।

**AFFIDAVIT**

By virtue of an affidavit sworn before the Executive Magistrate Sri S.K.Pattanayak, OAS, Puri dt- 11/04/2025. I ,Puja Mishra, W/O - Nirakar Mishra, Vill -Rani matha, Barahi lane, Balisahi, PO-Puri -1 ,P.S. - Puri Town , Dist- Puri, PIN - 752001 Odisha do hearby declare that I have change my name from Chandrakanti Hota(Aadhar No - 3274 2758 6712) to Puja Mishra after marriage to Mr. Nirakar Mishra ."Henceforth, I shall be known as Puja Mishra for all Proposes.

Sd
( PUJA MISHRA)

## — ସଂପାଦକୀୟ —

# ଶ୍ରମ ଶକ୍ତି କାହା ପାଇଁ ?

ଶ୍ରମିକ, ଯେଉଁମାନେ ନିର୍ମାଣ କରିଥାନ୍ତି ବିଶ୍ୱକୁ। ରାତି ଦିନ ଏକ କରି ମୁଣ୍ଡଝାଳ ତୁଣ୍ଡରେ ମାରି ଅକ୍ଲାନ୍ତ ପରିଶ୍ରମ କରିଥାନ୍ତି। ଖରା, ବର୍ଷା, ଶୀତ ହେଉ ଅବା କାକର କାହାର ବି ପ୍ରଭାବ କାଟୁ କରି ନଥାଏ ଏମାନଙ୍କୁ। ସମାଜର ତଳସ୍ତରରେ ରହି ସମାଜ ଗଠନରେ ଏକ ଗୁରୁ ଦାୟିତ୍ୱ ନେଇଥାନ୍ତି ଏହି ଶ୍ରମିକମାନେ। ଶ୍ରମିକମାନେ ହେଲେ ଆଧୁନିକ ଯୁଗର ବିଶ୍ୱକର୍ମା। ଏମାନଙ୍କ ବିନା ସୃଷ୍ଟିର କଳନା କରିବା ବୃଥା। ହେଲେ ଦୁନିଆକୁ ଗଢୁଥିବା ଏହି ଶ୍ରମିକର ମୁଣ୍ଡ ଗୁଞ୍ଜିବାକୁ ବି ନଥାଏ ନିଜସ୍ୱ ଏକ ଘର। ଶ୍ରମିକମାନେ ସମାଜର ମୂଲ୍ୟବାନ ସମ୍ପତ୍ତି ଓ ନୂଆ ସମାଜ ଗଠନର ଆଧାରଶୀଳା। ବାସ୍ତବିକ କୌଣସି ରାଷ୍ଟ୍ର ଶ୍ରମଶକ୍ତିଙ୍କ ବିନା ଅଭିବୃଦ୍ଧି ପଥରେ ଅଗ୍ରସର ହୋଇପାରି ନଥାଏ। ଶ୍ରମିକ ମାନଙ୍କ ପାଇଁ ସରକାରୀ ଓ ବେସରକାରୀ ଭାବେ ଅନେକ କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ବାସ୍ତବିକ ସେମାନଙ୍କର ଯନ୍ତ୍ରଣା ଓ କଷଣ ସତରେ କ'ଣ ଦୂରୀଭୂତ ହୋଇପାରିଛି ? ନିକଟରେ ଆନ୍ତର୍ଜାତିକ ଶ୍ରମ ଦିବସ ବଡ଼ ଆଡ଼ମ୍ବର ସହିତ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ପ୍ରତିବର୍ଷ ପାଞ୍ଚଜଣ ଶ୍ରମିକ କ୍ଷେତ୍ରରେ ଉତ୍ସର୍ଗୀକୃତ ଅବଦାନ ରଖୁଥିବା ଶ୍ରମିକ ସଂଗଠନକୁ ବିଜୁ ଶ୍ରମିକ ବନ୍ଧୁ ସମ୍ମାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥାନ୍ତି। ତେବେ ଚଳିତ ବର୍ଷର ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ ସକାଶେ ଚୟନ ହୋଇଥିବା ଶ୍ରମିକ ନେତାଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ବାଦ ଦିଆଗଲା। ଏହି ଘଟଣାଟି ଶ୍ରମ ଦିବସରେ ଦିବସଟିର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ କିପରି ମୂଲ୍ୟାୟନ କଲା ଓ ସମ୍ମାନିତ କଲା ତାହା ବେଶ ସୁସ୍ପଷ୍ଟ। ଚଳିତ ବର୍ଷ କେବଳ ଆଇଏନଟିୟୁସି, ବିଏମଏସ, ଏଆଇଟିୟୁସିର ବ୍ୟକ୍ତି ମାନଙ୍କୁ ସମ୍ମାନିତ କରାଯାଇଥିବାବେଳେ ଏନଏଫଆଇଟିୟୁ ଓ ଏଚଏମଏସର ଚୟନ ହୋଇଥିବା ଶ୍ରମିକ ସଂଗଠନକୁ ବାଦ ଦିଆଯାଇଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଚଳିତ ବର୍ଷର ଏହି କାର୍ଯ୍ୟକ୍ରମ ପାଇଁ ପଚିଶ ଅପ୍ରେଲରେ ପତ୍ର ଦ୍ୱାରା ଆବେଦନ ମଗା ଯାଇଥିଲା ଏବଂ ଏହାର ଶେଷ ତାରିଖ ଥିଲା ଅଠେଇଶ ଅପ୍ରେଲ। ଏଥି ନିମିତ୍ତି କେନ୍ଦ୍ରୀୟ ଶ୍ରମିକ ସଂଗଠନର ଅନେକ କର୍ମକର୍ତ୍ତା ଆବେଦନ କରିଥିଲେ। ଖୋଦ ଶ୍ରମ କମିସନରର ଅଧକ୍ଷତାରେ ବିଧିବଦ୍ଧ ଭାବେ ଏକ ଚୟନ କମିଟି ଗଠିତ ହୋଇ ଆବେଦନ କରିଥିବା ବ୍ୟକ୍ତିଙ୍କ ସମସ୍ତ ଆବେଦନ ପତ୍ର, ଅଭିଜ୍ଞତା, ଶ୍ରମିକମାନଙ୍କ ସକାଶେ କାମ କରି ଆସୁଥିବା ଏବଂ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ପାଞ୍ଚ ଜଣଙ୍କୁ ଚୟନ କରାଯାଇଥିଲା। ସେମାନଙ୍କ କାଗଜପତ୍ର ଏବଂ ଚେକ ତିଆରି ସକାଶେ ରାଜ୍ୟ ଶ୍ରମ ସଂସ୍ଥାକୁ ଅନୁମତି ପ୍ରଦାନ କରାଯାଇଥିଲା। ଏଥି ନିମିତ୍ତ ଆବଶ୍ୟକ ପଡୁଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫୋନ ମଧ୍ୟମରେ ପଚରାଗଲା ଯେ ଏହି ମନୋନୀତ ହେବାକୁ ଯାଉଥିବା ବ୍ୟକ୍ତି ବିଶେଷଙ୍କ ନାମରେ କୌଣସି ଅପରାଧିକ ମାମଲା ଅଛି କି ?ତେବେ ନିମୟର ଗଳାବାଟ ଭାବରେ ଏହା ପୂର୍ବରୁ ତରବରିଆ ଭାବେ ରାତିରେ କେବଳ ତିନୋଟି କେନ୍ଦ୍ରୀୟ ଶ୍ରମ ସଂଘର ନେତାଙ୍କୁ ଦେବାକୁ ପତ୍ର ଗଲା। କିନ୍ତୁ ଅନ୍ୟ ଶ୍ରମିକ ସଂଗଠନ ଯଥା ଏନଏଫ ଆଇ ଟିୟୁ ଓ ଏଚଏମଏସକୁ କୌଣସି ସୂଚନା ବା ପତ୍ର ଜଣାଗଲାନାହିଁ । ଏହା ପୂର୍ବରୁ କୌଣସି ବର୍ଷ ଏପରି ଅବ୍ୟବସ୍ଥା ହୋଇନାହିଁ।

ରାଜ୍ୟ ବାହାରକୁ କେତେ ଶ୍ରମିକ ଦାଦନ ଖଟିବାକୁ ଯାଉଛନ୍ତି ତାହା ଆଜି ପର୍ଯ୍ୟନ୍ତ ପଞ୍ଜିକୃତ କରାଯାଇନାହିଁ। ଗୋଟିଏ ପଟେ ଶ୍ରମିକ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଖୁସି ମନାଯାଉଥିବା ବେଳେ ଅପର ପକ୍ଷରେ ଦାଦନ ଖଟି ଅଙ୍ଗ ହରାଉଛି ଶ୍ରମିକ। ଆଉ ଏକ ଘଟଣା ପରେ ପିଡ଼ିତଙ୍କୁ ସହାୟତା ରାଶି ଧରେଇ ଦେଇ ଘଟଣାକୁ ଚାପି ଦିଆଯାଉଛି। କିନ୍ତୁ ଏହି ଘଟଣାର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ସରକାରୀସସ୍ତରରେ ଇଚ୍ଛାଶକ୍ତିର ଯେ ଅଭାବ ରହୁଛି, ତାହା ବର୍ତ୍ତମାନର ଶ୍ରମିକ ସମସ୍ୟା ସ୍ପଷ୍ଟ ସୂଚିତ କରୁଛି। ଆଜି ଯେପରି ଶ୍ରମିକ ସଂଗଠନର କର୍ମକର୍ତ୍ତାଙ୍କୁ ହତାଦର କରାଗଲା ତାହା ବାସ୍ତବରେ ଶ୍ରମ ଦିବସର କି ମୂଲ୍ୟାୟନ କରାଗଲା ଏବଂ ଶ୍ରମ ଶକ୍ତିକୁ କ'ଣ ଯଥାର୍ଥରେ ସମ୍ମାନିତ କରାଗଲା କି ? ଅନୁସନ୍ଧାନରୁ ଜଣାଯାଇଛି ମଇ ଦିବସରେ ସମସ୍ତ କେନ୍ଦ୍ରୀୟ ଶ୍ରମ ସଂଗଠନକୁ ବହୁ ଦିନ ପୂର୍ବରୁ ନିମନ୍ତ୍ରଣ ପତ୍ର ଦିଆଯାଇଥାଏ। କିନ୍ତୁ ଚଳିତ ବର୍ଷର କାର୍ଯ୍ୟକ୍ରମ ସକାଶେ ଆଶ୍ଚର୍ଯ୍ୟଜନକ ଭାବେ ନିମନ୍ତ୍ରଣ କରାଯାଇ ନଥିଲା। ଶ୍ରମିକ କ୍ଷେତ୍ର ଏକ ବୃହତ କ୍ଷେତ୍ର। ଓଡ଼ିଶାରେ ଏକ କୋଟିରୁ ଉର୍ଦ୍ଧ୍ୱ ଅଣ ସଂଗଠିତ ଶ୍ରମିକ ଓ ସଂଗଠିତ ଶ୍ରମିକ ଅଛନ୍ତି। ସେମାନଙ୍କ ଭିତରୁ ନିର୍ମାଣ ଶ୍ରମିକଙ୍କ ସଂଖା ଢ଼େର ବେଶି ହେଲେ ସମସ୍ତ ନିର୍ମାଣ ଶ୍ରମିକ ମାନଙ୍କ ପଞ୍ଜୀକରଣ କରାଯାଇପାରି ନାହିଁ। ଓଡ଼ିଶାରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ସ୍ଥାଣୁ ପାଲଟି ଯାଇଛି। ଆଗରୁ ମିଳୁଥିବା ଅନେକ ସହଯୋଗ ଯୋଜନା କାର୍ଯ୍ୟକାରୀ ହେଉନାହିଁ। ଭାରତ ବର୍ଷରେ ଥିବା ଅନ୍ୟ ରାଜ୍ୟ ମାନଙ୍କ ପରି ଓଡ଼ିଶାରେ ଅଣସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡ଼ ଅବସ୍ଥାବି ନକହିବା ଭଲ। ତଥ୍ୟରୁ ଯାହା ଜଣାପଡ଼ିଛି ନିର୍ମାଣ ଶ୍ରମିକ ବୋର୍ଡ଼ରେ ହଜାର ହଜାର କୋଟି ଟଙ୍କା ଅଛି। ପୂର୍ବରୁ ଏହି ବୋର୍ଡ଼ରେ ବ୍ୟାପକ ଅନିୟମିତତା ହୋଇଥିବା ସହିତ ଗୁଡ଼ାଏ ଦୁର୍ନୀତି ଅଭିଯୋଗ ରହିଛି। କେନ୍ଦ୍ରରେ ଓ ଓଡ଼ିଶାରେ ବୁଲେଟ ଟ୍ରେନ ପରି ଡବଲ ଇଞ୍ଜିନର ଅଭିବୃଦ୍ଧି ସମ୍ପନ୍ନ ସରକାର ରହିଥିବାବେଳେ ଏସବୁ ଘଟଣାରର ତଦନ୍ତ ନହେବା ବାସ୍ତବିକ ଆଶ୍ଚର୍ଯ୍ୟକର କଥା। ତେଣୁ କେବଳ ଭାଷଣରେ ସୀମିତ ନରହି ବରଂ ନିର୍ମାଣ ଶ୍ରମିକଙ୍କ ସହିତ ଅନ୍ୟ ଶ୍ରମିକମାନଙ୍କୁ ମଧ୍ୟ ତୁଳନାତ୍ମକ ବିଚାର ସହିତ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବା ନିତାନ୍ତ ଆବଶ୍ୟକ। ଶ୍ରମିକର ଉନ୍ନତି ହେଲେ ସାମଗ୍ରୀକ ଭାବେ ଦେଶର ଉନ୍ନତି ଘଟିବା ସ୍ୱାଭାବିକ।

**ଯୁଧିଷ୍ଠିର ମହାରଣା**
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
E-mail :
judhister009moharana@gmail.com

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ଭାଇ ବେଶରେ ତ ଭଗାରିଏ : ବନ୍ଧୁ-ବନ୍ଧୁକ-ବର୍ତ୍ତେ କିଏ ?



ମାୟାଧର ନାୟକ

ମଣିଷ ଯେତେବେଳେ ଉନ୍ନତିର ପାହାଚ ପାହାଚ ଆଗକୁ ମାଡିଚାଲେ ସେତେବେଳେ ମଧ ଶତ୍ରୁମାନେ କେବେ ହରାଇପାରନ୍ତିନାହିଁ। ମଣିଷ ଯଦି ହାରେ - ନିଜ ଲୋକଙ୍କ ପାଇଁ। ଗୋଟିଏ ସୁଗ୍ରିବ ମିଳିଲେ ବାଳି ବଦ୍ଧ। ଗୋଟିଏ ବିଭୀଷଣ ମିଳିଲେ ରାବଣ ବଦ୍ଧ। ଗୋଟିଏ ଭଣଜା କୃଷ୍ଣ ମିଳିଲେ କଂସ ବଦ୍ଧ - କୌରବକୁଳ ନିପାତ। ଗୋଟିଏ ବନ୍ଧୁ ମିଳିଲେ ଯୁଦ୍ଧ ଶେଷ। ବନ୍ଧୁ ବେଶରେ ଅବନ୍ଧୁ ମିଳିଲେ ନିଜେ ନିପାତ। ମୁଁ ବନ୍ଧୁତ୍ୱକୁ ନିନ୍ଦା କରୁନି, କିନ୍ତୁ ନିନ୍ଦା କରୁଛି – ବନ୍ଧୁବେଶୀ ସେହି ଭୟଙ୍କର ଶତ୍ରୁକୁ ଲଜ୍ୟା ଦେଉଥିବା ଚଂଚକଚରିତ୍ରମାନଙ୍କୁ।

ବନ୍ଧୁ ସହଜରେ ମିଳନ୍ତି ନାହିଁ। ପଗୁଆରରେ ମାଳମାଳ ମଣିଷ ମିଳନ୍ତି–ବାହାଘର ଭୋଜିଭାତରେ ନିମନ୍ତ୍ରଣର କାହିଁ କେତେଗୁଣ ବର୍ଦ୍ଧିତ ସଂଖ୍ୟାର ଖାଦ୍ୟପ୍ରେମିକ ମିଳନ୍ତି ଏବଂ ଜୁଆଖେଳରେ ବସିପଡିଲେ ବି ଜୁଟିଯାଆନ୍ତି - ଅଜଣାଅଚିହ୍ନା କାହିଁ କେତେଦୂରର ବାଟୋଇ, ହେଲେ ଜୀବନର ଶୂନ୍‌ଶାନ୍ ସଂକଟ ସମୟରେ ତଥାକଥିତ ବନ୍ଧୁଏ ଆଉ ଚିହ୍ନିପାରନ୍ତିନାହିଁ। ଉପରେ ଅନାଇଥାଏ, ଆଁ କରା ଆକାଶ, ଆଉ ତଳେ ମାଟି ଭିତରୁ ଯେତେବେଳେ ଅନୁଭୂତ ହେଉଥାଏ - ଆସନ୍ନ ଭୂମିକମ୍ପ - ସେତେବେଳେ ଯୋଉ ଦୁଆରେ ଛିଡାହେଲେ ବି ଆଖିଆଗେ ଝୁଲୁଥାଏ ମସ୍ତବଡ କୋଳପ।

ବେଳେବେଳେ ଭାଇ, ବନ୍ଧୁ ଅତ୍ୟନ୍ତ ବିଶ୍ୱାସୀ ବେଶରେ ଭଗାରୀ ସାଜି ବନ୍ଧୁକ ଧରି ଆମ ସାମ୍ନାରେ ଠିଆ ହୋଇଯାଆନ୍ତି। ତାଙ୍କ କବଳରୁ ବର୍ତେ କିଏ ? ଯୀଶୁଖ୍ରୀଷ୍ଟଙ୍କୁ ଲୋଭରେ ପଡି ତାଙ୍କରି ଶିଷ୍ୟମାନେ କ୍ରୁଶବିଦ୍ଧ କରିଥିଲେ। ଜୁଲିଅସ୍ ସିଜରଙ୍କୁ ତାଙ୍କର ଅତ୍ୟନ୍ତ ପ୍ରିୟ ବ୍ରୁଟାସ୍ ଛୁରିକାଘାତ କରିଥିଲେ। ମହାତ୍ମାଗାନ୍ଧୀଙ୍କୁ ନାଥୁରାମ ଗଡ୍‌ସେ ଗୁଳିବିଦ୍ଧ କରିଥିଲେ। ନେତାଜୀ ସୁଭାଷବୋଷଙ୍କୁ ଷଡଯନ୍ତ୍ର କରି ସେ ଆସୁଥିବା ବିମାନକୁ ଜାଳିଦେଇଥିଲେ। ଇନ୍ଦିରାଗାନ୍ଧୀଙ୍କୁ ଘେରିରହିଥିବା ସିକ୍ୟୁରିଟି ହତ୍ୟାକରିଥିଲେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୟ ଲଳିତାଙ୍କୁ ତାଙ୍କ ବାନ୍ଧବୀ ଶଶିକଳା କ୍ଷମତାମୋହରେ ଦୂରେଇ ଦେଇଥିଲେ। ଏହିଭଳି ସମଗ୍ର ବିଶ୍ୱରେ ହଜାର ହଜାର ଘଟଣା ଘଟିଯାଇଛି।

ଏ ଧରାପୃଷ୍ଠରେ ଯେଉଁ ସବୁ ଜୀବନ ଜନ୍ମନିଏ ତା'ର ମୃତ୍ୟୁ ଅବଶ୍ୟମ୍ଭାବୀ। ଜନ୍ମମୃତ୍ୟୁର ମଧ୍ୟବର୍ତୀ ସମୟରେ ଆମେ ଠକିଠକି ନଯାନ୍ତ। ଅଶାନ୍ତି, ଅସନ୍ତୋଷ, ହତାଶା, କ୍ରୋଧ, ଆଶା, ଆକାଂକ୍ଷାରେ ଆମ ଦିନ କଟୁଛି। ସମାଜରେ ଆମେ ଆମ ଦାୟିତ୍ୱ ପାଳନ କରୁନାହାଁନ୍ତି। ଯେଉଁ ସମାଜ ପାଇଁ ଆମେ ତିଷ୍ଠି ରହିଛେ - ତା' ପ୍ରତି ଆମର କର୍ତ୍ତବ୍ୟ ନାହିଁ। ସମାଜ ଭାସିଗଲା କେତେ ରହିଲା କେତେ ସେଥିପ୍ରତି ଆମର ନଜର ନାହିଁ। କେବଳ ଆମ ସ୍ୱାର୍ଥ ପୂରଣ ହେଲା କି ନାହିଁ – ଆମର ସବୁଠୁ ବଡ଼ ଚିନ୍ତା।

ସମାଜ ସୃଷ୍ଟି ହେଲା ଦିନଠୁ, ସାମାଜିକ ବ୍ୟବସ୍ଥା ଅହରହ ପରିବର୍ତନ ହେବାରେ ଲାଗିଛି। କେବଳ ଜଣେ ଚାହିଁଲେ ସମାଜ ପରିବର୍ତନ ହୁଏନା – ଏଥିପାଇଁ ପୂରା ସମାଜର ଲୋକେ ଯେତେବେଳେ ଚାହିଁବେ – ପରିବର୍ତ୍ତନ ହେବାକୁ ବାଧ। ସାମାଜିକ ବ୍ୟବସ୍ଥାର ପରିବର୍ତନ ପାଇଁ କେଉଁଠି ଶହଶହ ବର୍ଷ ଏପରିକି ହଜାରହଜାର ବର୍ଷ ଲାଗିଯାଏ। ଆମେ ପଛକୁ ନଯାଇ ଏବକାର ସାମାଜିକ ବ୍ୟବସ୍ଥା କଥା ଚିନ୍ତା କଲେ ଜାଣିପାରିବା ଯେ – ସାମ୍ପ୍ରତିକ ସମାଜ ବ୍ୟବସ୍ଥା ଏକ ପଚାପୂତିଗନ୍ଧମୟ ପୁଞ୍ଜିବାଦୀ–ସାମ୍ରାଜ୍ୟବାଦୀ ବ୍ୟବସ୍ଥା। ଏହି ବ୍ୟବସ୍ଥାକୁ ବଦଳାଇବାକୁ ହେଲେ ଦୁଇ ଭୟଙ୍କର ଶକ୍ତି ବିରୋଧରେ ତୁମୁଳ ସଂଘର୍ଷ କରିବାକୁ ହେବ। ଏଥିପାଇଁ ଆମ ସମସ୍ତଙ୍କୁ ଦାୟିତ୍ୱବୋଧ ରହିଛି। ଆମେ ସବୁ ଭଲ ଆଶା କରିବା, କିନ୍ତୁ ଭଲ ପାଇଁ କିଛି କରିବା ନାହିଁ। ଏଭଳି ହେଲେ ଏ ସାମାଜିକ ବ୍ୟବସ୍ଥା ପରିବର୍ତନ ପାଇଁ ଆଉ କେତେ ବର୍ଷ ଲାଗିବ କହି ହେବନି।

ଆମେ ଆମ ସଂସାର–ପରିବାରରେ ମଧ୍ୟ ଦାୟିତ୍ୱ ନିଭାଇ ପାରୁନେ। ପରିବାରର ଛୋଟବଡ଼ ସବୁ ସଦସ୍ୟ ଆମେ ଆଗେ ଆତ୍ମସ୍ୱାର୍ଥକୁ ବଡ଼ କରି ଦେଖୁଛେ। ପରିବାର ପାଇଁ ଯାହାକିଛି କରୁଛେ – ବାଧବାଧକତାରେ। ଯେଉଁ ପୁଅଝିଅଙ୍କୁ ଏତେ କଷ୍ଟକରି ବଡ଼ କଲେ - ସେମାନେ ବାପ ମା'ଙ୍କୁ ଭୁଲି ନିଜ ସ୍ୱାର୍ଥରେ ମାତିଲେ। ଅବଶ୍ୟ ହଜାରେକେ ଗୋଟାଏ ଦି'ଟା ନିଆରା। ପରିବାରରେ ରକ୍ତର ସମ୍ପର୍କ ଥିଲେ ବି ଆମେ ତୋ'ର, ମୋ'ର ନୀତି ଅବଲମ୍ବନ କରୁଛେ। ଯାହା ଫଳରେ ସଂସାର ଓ ସାଂସାରିକ ଜୀବନ ଭାଙ୍ଗି ଚୂରମାର ହେଇଯାଉଛି।

ଆମେ ସବୁ ବସ୍ତୁବାଦୀ। ଆମର ସମ୍ପର୍କ ବସ୍ତୁକୁ ନେଇ। ଆମେ ସବୁବେଳେ ଲାଭ ପଛରେ ଗୋଡ଼ାଇ ଗୋଡ଼ାଇ ହତାଶପଙ୍କରେ ପଡ଼ିଛେ। ଆମ ଆଖିରେ ଲାଭ କଥା ବିଚାର କରି ଶୂଳିରେ ମଲେ ଲାଭ କି ଫାଶୀରେ ମଲେ ଲାଭ - ଚିନ୍ତା କରୁଛେ। ପୂର୍ବଭଳି ମଣିଷ ମଣିଷ ଭିତରେ ସମ୍ପର୍କର ସେତୁ ଭାଙ୍ଗିଗଲାଣି। ଏବକାର ସମ୍ପର୍କ ସମ୍ପୂର୍ଣ୍ଣ ସ୍ୱାର୍ଥରେ ଭରପୂର। ଏ ସମ୍ପର୍କ କାଳଜୟୀ ନୁହେଁ। ସମ୍ପର୍କରେ ମଧ ଆମେ ଠକୁଛେ।

ଆଉ ବନ୍ଧୁତ୍ୱ। ଆଜି ଯେ ବନ୍ଧୁ କାଲି ସେ ଶତ୍ରୁ ପାଲଟିଯାଉଛି। କ୍ଷମତା–ଅର୍ଥ–ସ୍ୱାର୍ଥ–ମୋହ–ମାୟାରେ ଆମେ ବନ୍ଧୁଙ୍କୁ ବି ଛୁରା ମାରିବାରେ ପଛଉନାହିଁ। ଆଜିବି ଶହ ଶହ ଜୁଲିଅସ୍ ସିଜର - ବ୍ରୁଟାଶ୍ ଏ ସମାଜରେ ଘୂରି ବୁଲୁଛନ୍ତି। ରକ୍ତର ସମ୍ପର୍କ ନ ଥିଲେ ବି ବନ୍ଧୁତ୍ୱ ଭଳି ପବିତ୍ର ଶବ୍ଦକୁ ଆମେ ଅବମାନନା କରୁଛୁ। ଝଗଡା ପରେ ଯିଏ ପ୍ରଥମେ କଥା ହୁଏ – ସେଇ ବନ୍ଧୁ ହିଁ ସଂପର୍କର ମୂଲ୍ୟ ବୁଝିଥାଏ। ବନ୍ଧୁ ପାଇଁ ବନ୍ଧୁ ଜୀବନ ଦେବା ଭଳି ଉଦାହରଣ କ୍ୱଚିତ୍ ମିଳେ।

ଆମେ ସବୁ ପୁଅ ହେଉ କି ଝିଅ ହେଉ – ଫଟାରସିକ, ରସିକିଆଣୀ। ଆମେ ପ୍ରେମରେ ବି ଠକିବାରେ ପାରଙ୍ଗମ। ପ୍ରେମ କରିବା ଜଣକୁ, ବିଭାହେବା ଅନ୍ୟ ଜଣକୁ। ଏଭଳି ବିଫଳ ପ୍ରେମରେ ଉଭୟେ କ୍ଷତିଗ୍ରସ୍ତ। ଜୀବନସାରା ହତାଶ। ଆଜିକାଲି ଶାଶ୍ୱତ ପ୍ରେମ ଖୁବ୍ କମ୍ ଦେଖାଯାଏ। ଆମେ ଅଧିକାଂଶ ସମୟରେ ସୌନ୍ଦର୍ଯ୍ୟ, ଧନ ସମ୍ପତି, ବଂଶ ପରମ୍ପରାକୁ ଅଗ୍ରାଧିକାର ଦେଉ। ଯାହା ଫଳରେ ଦୁଇଟି ଅମେଳ ମନକୁ ଜବରଦସ୍ତ ମିଳାଯାଏ। ଫଳରେ ସାଂସାରିକ ଜୀବନ ଏପରିକି ଯୌନଜୀବନ ମଧ୍ୟ ସଫଳ ହୁଏନା। ଯିଏ କହିବ – ମୁଁ ପ୍ରେମରେ କାହାକୁ ଠକିନି, ତାକୁ କି ଉପାଧି ଦେବାକଥା ଆପଣମାନେ ଦିଅନ୍ତୁ।

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର କହିଥିଲେ – "ଯିଏ ପାପ କରେ ସେ ପାପୀ, ଯେଉଁମାନେ ଜାଣତରେ ହେଉ କିମ୍ବା ଅଜାଣତରେ ପାପକୁ ସମର୍ଥନ କରନ୍ତି କିମ୍ବା ସହ୍ୟ କରନ୍ତି – ସେମାନେ ମହାପାପୀ।" ଆମେସବୁ କେହି ପାପୀ ନୁହଁନ୍ତି – ଜଣେ ଜଣେ ମହାପାପୀ। ଆମେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କେବଳ ଠକି ଚାଲିଛୁ। ଆମେ କେଉଁଥିରେ ନ ଠକିଛେ - ପ୍ରେମରେ, ବନ୍ଧୁତ୍ୱରେ, ସମ୍ପର୍କରେ, ସଂସାରରେ, ସମାଜରେ ସବୁଥିରେ ଠକିଛୁ। ଏବେ ଦୁର୍ନୀତି, ଭ୍ରଷ୍ଟାଚାର ସମଗ୍ର ବିଶ୍ୱକୁ ଗ୍ରାସ କରିଯାଇଛି। କିଏ କେଉଁଭଳି ଦୁର୍ନୀତି, ଭ୍ରଷ୍ଟାଚାର, ଲୁଟ୍‌ତରାଜରେ ଲିପ୍ତ, ତାହା କେବଳ ୧୦୦ ଭାଗ ତାକୁ ହିଁ ଜଣା। ଯାହାବି ପ୍ରକାଶ ପାଉଛି ସେ ସବୁ ଅର୍ଦ୍ଧସତ୍ୟ।

ଆସନ୍ତୁ – ଆମେ କେବଳ ଆମ ଦେଶ କଥା ବିଚାର କରିବା। ଦେଶ ଭିତରେ ଆମ ରାଜ୍ୟ ଓଡ଼ିଶା। ୧୯୪୭ ମସିହା ଦେଶ ସ୍ୱାଧୀନ ହେଲା ଦିନଠୁଁ ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ଦୁର୍ନୀତିର ହିସାବଫର୍ଦ୍ଦରେ ଆଖି ବୁଲାଇଲେ କି ଶୁଣିଲେ ଅବଶ୍ୟ ମୁଣ୍ଡ ଚକ୍କର ଖାଇଯିବ। ଯେଉଁମାନେ ରାଜକୋଷ ଲୁଟ୍ କରି ମରିଗଲେ, ସେମାନେ ତାଙ୍କ ପରିବାର ପାଇଁ ଲୁଟ୍ ମାଲ ରଖିଯାଇଛନ୍ତି। ସେମାନେ ଭୋଗ କରୁଛନ୍ତି। ସେଥିରେ ଦେଶର ଭାଗ ନାହିଁ। ପୁଣି ଆମେ ଏତେ ଅଭାଗା, ସେଇ ରାଜକୋଷ ଲୁଟେରାମାନଙ୍କ ପ୍ରତିମୂର୍ତି ଗଢ଼ି ତାଙ୍କ ଜନ୍ମ କିମ୍ବା ଶ୍ରାଦ୍ଧଦିବସରେ ଫୁଲମାଳ ଦେଇ ଜୟଗାନ କରୁଛେ। ସେଇ ପରିବାର ଲୋକଙ୍କୁ ଭୋଟ୍ ଦେଇ ପୁଣି ଶାସନକ୍ଷମତାର ଡୋରି ଛାଡ଼ିଦେଉଛେ। ଏ ମହାପାପର କେବେ ପ୍ରାୟଶ୍ଚିତ କରିବା କେଜାଣି। ଆମେ ଯୁକ୍ତି କରୁଛେ – ପେଟପାଟଣା ପାଇଁ ବଂଚିବା ପାଇଁ ପାପୀଙ୍କୁ ମୁଣ୍ଡିଆ ମାରିବାକୁ ବାଧ ହେଉଛେ। କିଏ ଆମକୁ ବଂଚିବାକୁ ବାଧ କରୁଛି କି? ମଣିଷ ଜୀବନଟା ଏତେ ସ୍ୱାର୍ଥପର – ମଲା ବେଳକୁ ଆଉ ଟିକେ ବଂଚନ୍ତି କି ବୋଲି ଉହଳବିକଳ ହୁଏ।

ମୋର କହିବାର କଥା – ଆମେ ସବୁ, ପ୍ରେମରେ, ବନ୍ଧୁତ୍ୱରେ, ସମ୍ପର୍କରେ, ସଂସାରରେ, ସର୍ବୋପରି ସମାଜରେ ଠକିଚାଲିଛେ। ଏସବୁ ଠକାମି ଯେ ପୂରାପୂରି ବନ୍ଦ ହୋଇଯିବ – ସେକଥା ମୁଁ ହଲପ କରି କହୁନି। ଠକାମିକୁ ଟିକେ ନିମ୍ନମୁଖୀ କରିଦେଲେ – ଆହାଃ ! ଜୀବନଟା କି ଆନନ୍ଦମୟ ହୋଇଯାଆନ୍ତା।

**ଯାଜପୁର ରୋଡ, ଯାଜପୁର,**
**ମୋ : ୯୮୬୧୦୩୪୧୬୩**

# ତୋହରି ମନ ତୋର ଗୁରୁ, ଉଦ୍ଧବ କେତେ ହେଁ ପଚାରୁ ?



ପ୍ରଫେସର ଡାକ୍ତର
ଉମେଶ ଚନ୍ଦ୍ର ପାତ୍ର

ଗୁରୁଙ୍କ ସାନ୍ନିଧ୍ୟ ପାଇ ଭକ୍ତର ଭାବ ତିନୋଟି ସ୍ତର ଦେଇ ବିକାଶ ଲାଭ କରେ। ପ୍ରଥମ ସ୍ତରରେ ଭକ୍ତ କିପରି ଅନୁଭବ କରେ ? ଉତ୍ତର - ପ୍ରଥମେ ଭକ୍ତଙ୍କୁ ଲାଗେ ଯେପରି ଗୁରୁ ହେଉଛନ୍ତି କଳ୍ପତରୁ ସଦୃଶ। ଜ୍ଞାନରୂପକ ଫଳ–ପୁଷ୍ପ ସହ ସେ କୃପାଛାୟା ପ୍ରଦାନ କରିବେ। ଏହି ପ୍ରଥମ ମିଳନ ସମୟରେ ଭକ୍ତ ଗୁରୁଙ୍କ ଦିବ୍ୟ ଗୁଣ ଜାଣି ନପାରି ତାଙ୍କୁ ସାଧୁ ରୂପେ ଗ୍ରହଣ କରିଥାଏ। ଭକ୍ତ ମାୟାଜାଲାରେ ଏପରି ପଡ଼ିଥାଏ ଯେ ତାକୁ ଗୁରୁଙ୍କ ସ୍ୱରୂପ ଜାଣିବା ପାଇଁ ଗୁରୁଙ୍କ କୃପା ଦରକାର ହୁଏ। ଗୁରୁଙ୍କ ଉପରେ ଶ୍ରଦ୍ଧା ଓ ବିଶ୍ୱାସ ରଖିଲେ ମାୟାରୁ ମୁକ୍ତ ହୋଇ ଜ୍ଞାନ ମାର୍ଗରେ ଅଗ୍ରସର ହୁଏ। ଦ୍ୱିତୀୟ ସ୍ତରର ଅନୁଭବ କିପରି ? - ଭକ୍ତର ଭକ୍ତି ଦୃଢ଼ ହେଲେ ତା ସହ ଗୁରୁଙ୍କର ନିବିଡ଼ ସମ୍ବନ୍ଧ ହୁଏ। ସେ ଏହି ଦ୍ୱିତୀୟ ସ୍ତରରେ ଦିବ୍ୟତା ବିଷୟରେ ଜାଣିପାରେ। ସେ ଭଗବାନଙ୍କ ସହ ଗୁରୁଙ୍କ ତୁଳନା କରେ। ସେ ଭାବେ ଗୁରୁ ଭଗବାନଙ୍କ ପରି ହେଲେ ମଧ ସ୍ୱୟଂ ଭଗବାନ ନୁହଁନ୍ତି; କିନ୍ତୁ ଧର୍ମ ଶିକ୍ଷା ପାଇଁ ଗୁରୁ ହେଉଛନ୍ତି ଶ୍ରେଷ୍ଠ ମାଧ୍ୟମ। ଏହି ସ୍ତରରେ ମଧ ଭକ୍ତ ସଂପୂର୍ଣ୍ଣ ମାୟାମୁକ୍ତ ହୋଇ ନଥାଏ। ଏହିପରି ଭାବନା ରଖି ଭକ୍ତ ଦ୍ୱିତୀୟ ସ୍ତରରେ ପ୍ରଗତି କରେ। ତୃତୀୟ ସ୍ତରରେ କି ଅନୁଭୂତି ପ୍ରାପ୍ତ ହୁଏ ? - ଗୁରୁ ଓ ଭଗବାନ ଅଭିନ୍ନ ନୁହଁନ୍ତି, ଏକ - ଏହି ଭାବନା ଆସିଲେ ଭକ୍ତ ଗୁରୁଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବରେ ନିଜକୁ ସମର୍ପଣ କରେ ଓ ଆଧ୍ୟାତ୍ମିକତାର ଶେଷ ସ୍ତରରେ ଉପନୀତ ହୁଏ। ଏହି ସ୍ତରରେ ଗୁରୁ ଓ ଭକ୍ତଙ୍କ ମଧ୍ୟରେ ତାଦାତ୍ମ୍ୟ ଭାବ ସୃଷ୍ଟି ହୁଏ।

ଗୁରୁକୃପା ପ୍ରାପ୍ତ ହେଲେ ଭକ୍ତ ଶୁଦ୍ଧପୂତ ହୁଏ। କାହାକୁ କିଛି ନମାଗି ଗୁରୁଙ୍କ ଦ୍ୱାରରେ ପଡ଼ି ରହେ। ତା ମନରେ ସଂସାରର ଭୋଗପ୍ରତି ବିତୃଷ୍ଣା ସୃଷ୍ଟି ହୁଏ। ନିଜ ବିଗତ କର୍ମର ଫଳ ବିଷୟରେ ଜାଣିପାରି ସେ ପଶ୍ଚାତ୍ତାପ କରେ। ଗୁରୁ ଶକ୍ତିପାତ କରି ତାର ଅଶୁଦ୍ଧ ଶରୀର ଓ ବିକୃତ ମନୋଭାବକୁ ଶୁଦ୍ଧପୂତ କରି ମୁକ୍ତି ପଥ ଦେଖାଇଥାନ୍ତି। ଗୁରୁଙ୍କ କୃପାରୁ ତା ମନରୁ ଗର୍ବଭାବ ଦୂର ହୁଏ। ସେ ନିଜ ସ୍ୱାର୍ଥକୁ ତ୍ୟାଗ କରି 'ଜୀବପୂଜା ହିଁ ହରି ସେବା' – ଏଇ ମନୋଭାବ ନେଇ ଦୀନଦୁଃଖୀଙ୍କ ସେବା କରିବାକୁ ବ୍ୟଗ୍ର ହୁଏ। ଶିଷ୍ୟ ସଙ୍ଗତରେ ରହି ତାର ଶୁଦ୍ଧଗୁଣ ପରିପ୍ରକାଶିତ ହୁଏ। ଶିଷ୍ୟ ମନର ପ୍ରତ୍ୟେକଟି ଭାବନା ସଦଗୁରୁଙ୍କୁ ଜଣାଥାଏ। ଗୁରୁଙ୍କର ଚେତନା ଶିଷ୍ୟ ମନକୁ ଦିବ୍ୟତାରେ ଭରି ଦିଏ। ସନ୍ଥକବି ଭୀମଭୋଇଙ୍କ ବାଣୀ ଉଲ୍ଲେଖ କରୁଛି – 'ଅନେକ କର୍ମରେ ଥାଉ ପଛେ ସେହୁ, ଗୁରୁପାଦେ ରଖୁ ଚିତ୍ତ ସଦଗୁରୁ ପାଦେ ସେବା ରଖିଥିଲେ ମୋକ୍ଷ ହେବ ପରାପତ।'

ଶ୍ରୀ ଶ୍ରୀ ଠାକୁର କଥା ପ୍ରସଙ୍ଗରେ କହିଲେ – ପରମଗୁରୁଙ୍କ ପରେ ବା ଯୁଗପୁରୁଷୋତ୍ତମଙ୍କ ଠାରେ ଆନତି ଭିତରେ ଦେଇ ଯାହାଙ୍କ ଜୀବନରେ ସାର୍ଥକ ସଂହତି ସମାଧାନ ଆସିଛି, ସେ ହିଁ ଗୁରୁ ହେବାର ଉପଯୁକ୍ତ ଅଟେ। ଏହି ପ୍ରକାର ସମାହିତ ଜ୍ଞାନକୁ କୁହାଯାଏ ବ୍ରହ୍ମଜ୍ଞାନ। ଯୁଗପୁରୁଷୋତ୍ତମଙ୍କୁ ଯିଏ ପାଏ, ତାର ତ କଥା ହିଁ ନାହିଁ। ତାଙ୍କର ଧାରା ଯେତେ ଦିନ ଠିକ ଥାଏ, ସେତେ ଦିନ ପର୍ଯ୍ୟନ୍ତ କୃଷ୍ଟିର ଧାରାଠିକ ଥାଏ। ଭେଦବାଦୀ ଗୁରୁ ପ୍ରକୃତ ଗୁରୁ ନୁହନ୍ତି ଏବଂ ତାଙ୍କର ଦୀକ୍ଷାର ଭିତର ଦେଇ ଦୀକ୍ଷାର ପ୍ରକୃତି ଉଦ୍ଦେଶ୍ୟ ସିଦ୍ଧ ହୁଏ କମ୍। ଖଣ୍ଡିତଜ୍ଞାନ ଯେଉଁ ମାନଙ୍କର, ସେମାନେ କୌଣସି ଖଣ୍ଡିତ ବିଷୟର ଶିକ୍ଷକ ହୋଇପାରନ୍ତି, ଯେମିତି ପଦାର୍ଥବିଦ୍ୟା, ରସାୟନଶାସ୍ତ୍ର ଇତ୍ୟାଦି। ସେମାନେ ଧର୍ମ, ଯାହାର କାରବାର ସମଗ୍ର ଜୀବନ ନେଇ ସେ ବିଷୟରେ ଆଚାର୍ଯ୍ୟ ହୋଇପାରନ୍ତି ନାହିଁ। ପ୍ରକୃତି ସେମାନଙ୍କୁ ସେ ଯୋଗ୍ୟତା ଦିଏ ନାହିଁ। ପ୍ରଶ୍ନ – ଗୁରୁ ବ୍ୟତୀତ ବ୍ରହ୍ମୋପଲବ୍ଧି ହୋଇ ପାରେନାହିଁ ? ଶ୍ରୀ ଶ୍ରୀ ଠାକୁର – ସେହି ଟା ହୁଏତ ଗାଣିତିକ ଭାବେ ସମ୍ଭବ ହୋଇପାରେ, କିନ୍ତୁ ସାଧାରଣତଃ ବାସ୍ତବରେ ସମ୍ଭବ କମ ହିଁ ହୁଏ। ପ୍ରଶ୍ନ କର୍ତ୍ତା – 'ଅହଂ ବ୍ରହ୍ମାସ୍ମି' ଜପର ବିଧାନ ଅଛି। ଶ୍ରୀ ଶ୍ରୀ ଠାକୁର – ସେହି ଟା ବି ଉପଲବ୍ଧିବାନ ଗୁରୁ ହିଁ ଶିଖାନ୍ତି। ଗୁରୁ ବିନା ହୁଏ ନାହିଁ। ବିପଦ ଅଛି, ପ୍ରବୃତ୍ତିର ଅଭିଭୂତି ହୁଏ। ଅନେକ ସମୟରେ ପାଗଳ ହୋଇଯାଏ। ପ୍ରଶ୍ନକର୍ତ୍ତା – ତାହାର ସହଜତମ ପଥ ହେଲା ସକ୍ରିୟ ସେବା ସହ ଇଷ୍ଟଙ୍କ ଉପରେ ଅଚ୍ୟୁତ ଅନୁରାଗ। ତାଙ୍କ ଉପରେ ଟାଣ ଥାଏ, ତେଣୁ ବୃତ୍ତି ଗୁଡ଼ିକ ନିମ୍ନକୁ ଟାଣି ନେଇପାରେ ନାହିଁ। ସେଗୁଡ଼ିକ ଧୀରେ ଧୀରେ ନିୟନ୍ତ୍ରିତ ହୁଏ। ଗୁରୁଜ୍ଞାନ ଦିଅନ୍ତି, ଯାହା ପାଇ ମଣିଷ ଜୀବନ ବନ୍ଧନରୁ ମୁକ୍ତି ପାଏ। ଦେବତା ମାନଙ୍କୁ ପୂଜାରେ ସନ୍ତୁଷ୍ଟ କଲେ ମନୁଷ୍ୟ ବିଷୟ ସମ୍ପତ୍ତି, କାମନା ବା ବାସନାଦି ପୂରଣ କରେ। ଦେବତା ମାନଙ୍କ ଉପାସନା ସକାମ ଉପାସନା। ଗୁରୁଙ୍କ ଉପାସନା ନିଷ୍କାମ ଉପାସନା। ଦେବ ପୂଜାରେ ଶକ୍ତି ଲାଭ ହୋଇଥାଏ, ପୁଣି ଆମେ ଯେଉଁ ଦେବତାଙ୍କୁ ପୂଜା କରିଥାଉ, ସେହି ଦେବତାଙ୍କ ଶକ୍ତି ଯେତିକି ମାତ୍ର ଶକ୍ତିର ଆମେ ଅଧିକାରୀ ହୋଇଥାଉ। କିନ୍ତୁ ଗୁରୁଙ୍କ ଶରଣ ଗଲେ, ଗୁରୁଙ୍କ ମାଧ୍ୟମରେ ଆମର ଭଗବତ ପ୍ରାପ୍ତି ହୋଇପାରିବା। ଗୁରୁଙ୍କ ଚରଣ ପବିତ୍ର, ତେଣୁ ଭକ୍ତ ତାହାର ନିତ୍ୟ ପୂଜନ କରେ। ଯେଉଁ ନର ପ୍ରତିଦିନ ଗୁରୁଙ୍କ ପଦ ଧୌତ କରେ, ସେ ଜ୍ଞାନ ଭକ୍ତିର ଅଧିକାରୀ ହୁଏ। ଦେବ ପୂଜା କଲେ ଧନ ଜନ ମିଳେ ଓ ଗୁରୁ ପୂଜା କଲେ ଜ୍ଞାନ ମିଳିଥାଏ। ଏଥିରେ ସନ୍ଦେହ ନାହିଁ ଯେ, ଗୁରୁକୃପା ମିଳିଲେ ସବୁ କିଛି ସମ୍ଭବ ହେବ; କିନ୍ତୁ ଗୁରୁକୃପା ମିଳିବ କିପରି ? ଗୁରୁଙ୍କୁ ସନ୍ତୁଷ୍ଟ କଲେ ହିଁ ଗୁରୁକୃପା ମିଳେ। ଯଦି ଶିଷ୍ୟ ଗୁରୁଙ୍କର ଆଧ୍ୟାତ୍ମିକ ନିର୍ଦ୍ଦେଶଗୁଡ଼ିକ ସ୍ପଷ୍ଟଭାବରେ ହୃଦୟଙ୍ଗମ କରି ସୁଚାରୁରୂପରେ ପାଳନ କରେ, ତେବେ ଗୁରୁ ତା'ଉପରେ ସନ୍ତୁଷ୍ଟ ହୁଅନ୍ତି। ସୁତରାଂ ଗୁରୁଙ୍କ ପ୍ରତ୍ୟେକଟି ନିର୍ଦ୍ଦେଶ ନିଖୁଣ ଭାବରେ ପାଳନ କରନ୍ତୁ। ତାଙ୍କରି ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରନ୍ତୁ। ତେବେ ଯାଇ ଆପଣ ତାହାଙ୍କର ଆଶୀର୍ବାଦ ପାଇବାକୁ ଯୋଗ୍ୟ ହୋଇପାରିବେ ଏବଂ ସେହି ଆଶୀର୍ବାଦ ବଳରେ ଆପଣଙ୍କ ପକ୍ଷରେ ସବୁକିଛି ସମ୍ଭବ ହୋଇପାରିବ। ଯଥାର୍ଥରେ ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି – 'ଏଣେ ଗୁରୁଙ୍କ ସୁକଲ୍ୟାଣ, ସାଧକ ମୋକ୍ଷର କାରଣ। ମନ ବଚନ ନିଜ ଦେହେ, ନିତ୍ୟ ସେବିବ ଗୁରୁପ୍ରୀୟେ। ମୋତେ ପୂଜିବ ଗୁରୁ ଦେହେ, ମୋ ତହୁଁ ଗୁରୁ ଭିନ୍ନନୋହେ। ତୋହରି ମନ ତୋର ଗୁରୁ, ଉଦ୍ଧବ କେତେ ହେଁ ପଚାରୁ ?'

**ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

# ଲେଖିବାକୁ ଥିବା କଲମରୁ କାଳି ଶୁଖିଯାଉଛି... !



ଗୋପାଳ ମହାପାତ୍ର

ସମୟକୁ ଟିକେ ପଛକୁ ନେଇଯିବା ଓ ୧୯୮୦-୯୦ ଦଶକୁ ଚାଲିଯିବା । ସେ ସମୟର ସାମ୍ବାଦିକତା ଭିନ୍ନ ଥିଲା। ସାମ୍ବାଦିକ ପ୍ରଶ୍ନ କରୁଥିଲେ ଓ ବଡ଼ବଡ଼ ନେତା ମଧ୍ୟ ଉତ୍ତର ଦେଉଥିଲେ ଏପରିକି ସାମ୍ବାଦିକଙ୍କ ପ୍ରଶ୍ନବାଣରେ ଆହତ (ଘାଇଲା) ହେଉଥିଲେ। ଏବେ ସେ ସମୟ ନାହିଁ। ଏବେ ସାମ୍ବାଦିକତାରେ ଚାଟୁକାରିତାର ସମୟରେ ସାମ୍ବାଦିକ ମାନଙ୍କର ୧୯୮୦-୯୦ ବା ତାରପୂର୍ବ ସମୟରେ ମାନସିକତା ନାହିଁ, ସାହସ ନାହିଁ, ପ୍ରଶ୍ନ ପଚାରିବାର ନାହିଁ। ବର୍ତ୍ତମାନର ସାମ୍ବାଦିକତର ଏକ କିଂଭୁତ କିମାକାର ଅବସ୍ଥାରେ ପହଞ୍ଚିଛି। ଏବେ ଅସଲ କଥାର ଗୁରୁତ୍ୱ କମିଛି। ପ୍ରଶ୍ନ କରିବା ପାଇଁ ଉଦ୍ଦିଷ୍ଟ କଲମରୁ କାଳି ଶୁଖିଯାଇଛି। ସମୟଥିଲା ଖବରର ସମାନତା (ବାଲାନ୍ସ) ଥିଲା। ଏକତରଫା ନଥିଲା। ସାମ୍ବାଦିକ ମାନେ ପଜିଟିଭ ନିଉଜ(ସମ୍ବାଦ) ଖୋଜୁଥିଲେ। ସମ୍ପାଦକ ମାନେ ମଧ୍ୟ ଏପରି କରିବାକୁ ନିର୍ଦ୍ଦେଶ ଦେଉଥିଲେ। ଦଙ୍ଗା/ ଆତଙ୍କବାଦୀ ଘଟଣା ସହିତ ସାମାଜିକ, ଧାର୍ମିକ ଖବରକୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିଲା। ଗତ ଏପ୍ରିଏ ୨୧ ତାରିଖରେ କାଶ୍ମୀରରେ ଅତ୍ୟନ୍ତ ହୃଦୟ ବିଦାରକ ଘଟଣା ଘଟିଥିଲା। ଏହି ଘଟଣାକୁ ଦେଶର ଅନେକ ବୈଦ୍ୟୁତିକ ଗଣମାଧ୍ୟମ (ଟିଭିଚାନେଲ) ତମାମ ପ୍ରଶ୍ନକୁ ଛାଡି ସିଧା ସଳଖ ଗୋଟିଏ ବିଶୟରେ ସମ୍ବାଦକୁ କେନ୍ଦ୍ରୀତ କଲେ ଯେ କିଏ କେତେ ବିଷ ମଞ୍ଜିର ସମାଜରେ ବୁଣିପାରୁଛି । ଏହି ବିଦ୍ୟୁତିକ ଗଣମାଧ ସହ କେତେକ ଜାତୀୟ ସ୍ତରର ମୁଦ୍ରିତ ଗଣ ମାଧ୍ୟମ ମଧ୍ୟ ବିଦ୍ୱେଷ ସୃଷ୍ଟି କରିବା ପାଇଁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦିତା ଆରମ୍ଭ କରି ଦେଇଥିଲେ।

କୁଆଡ଼େ ଗଲା ଶାସକଙ୍କ ଆଖିରେ ଆଖି ମିଶାଇ ପ୍ରଶ୍ନ କରିବାର ସାହସ ? କୁଆଡ଼େ ଗଲା ସତ୍ୟ ଘଟଣା ପ୍ରସାରିତ କରିବାର ମାନସିକତା ? ଯେଉଁ କାଶ୍ମୀରୀର ଲୋକେ ନିଜ ପିଠି ଉପରେ ଲଦି ଲୋକଙ୍କ ଜୀବନ ବଞ୍ଚାଇଥିଲେ ସେ କଥାକୁ ପ୍ରସାରିତ କରାଗଲା ନାହିଁ କାହିଁକି ? କାଶ୍ମୀର ଟ୍ୟାକ୍ସି ଆସୋସିଏସନର ଶହ ଶହ ଲୋକ ଯେଉଁମାନେ ନିଷ୍ପତ୍ତି ନେଇଥିଲେ ପର୍ଯ୍ୟଟକ ମାନଙ୍କୁ ବିନା ଭଡ଼ାରେ ବା ବିନା ପଇସାରେ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ଛାଡିଦେବାକୁ, ସେମାନଙ୍କ କଥା ସମ୍ବାଦରୁ ବାଦ୍ ପଡିଗଲା କେମିତି ? ଆହତଙ୍କୁ ରକ୍ତ ଦେବା ପାଇଁ ଲାଇନ ଲଗାଇ ଠିଆ ହୋଇଥିବା କାଶ୍ମୀର ବାସୀଙ୍କ କଥା ମଧ୍ୟ ସ୍ଥାନ ପାଇପାରିଲା ନାହିଁ। କ'ଣ ଏସବୁ ସମ୍ବାଦ ବା ଖବରର ଅଂଶ ନଥିଲା ? କିଏ ମନା କରିଥିଲା ଏ ସବୁକୁ ପ୍ରସାର ନ କରିବା ପାଇଁ? ଏବେ ପହଲଗାମରେ ଆତଙ୍କ ବାଦୀଙ୍କ ନରସିଂହାର ମାମଲା ସାରା ଦେଶରେ ଚର୍ଚ୍ଚାର ବିଶୟ ହୋଇଛି। ଆକ୍ରମଣରେ ୨୭ଜଣଙ୍କର ମୃତ୍ୟୁ ଘଟିଥିବାବେଳେ କାଶ୍ମୀରର ସ୍ଥାନୀୟ ବାସିବା ମଧ୍ୟ ଅନେକ ପର୍ଯ୍ୟଟକଙ୍କ ଜୀବନ ବଞ୍ଚାଇଛନ୍ତି। ଆତଙ୍କବାଦୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବା ସହ କାଶ୍ମୀରର ଲୋକେ ଦିନିକିଆ କାଶ୍ମୀର ବନ୍ଦପାଳନ କରିଛନ୍ତି। ଜାମ୍ମୁ- କାଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ରାଜ୍ୟର ଆଇନ୍ ବ୍ୟବସ୍ଥାକୁ ନେଇ ତାଙ୍କ ପାଖରେ କୌଣସି ଅଧିକାର ନାହିଁ ବୋଲି କହିବା ସହ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଆତଙ୍କବାଦୀ ଆକ୍ରମଣ ପାଇଁ ସାରା ଦେଶକୁ ଭୁଲ ମାଗିଛନ୍ତି। ଏସବୁ ପରେ ଜାତୀୟ ବୈଦୁତିକ ଗଣମାଧ୍ୟମ ସାରା ଦେଶରେ ଏକ ବିଦ୍ୱେଷର ବାତାବରଣ ସୃଷ୍ଟି କରିବାର ଲାଗିପଡିଛନ୍ତି।

ବୈଦ୍ୟୁତିକ ଗଣ ମାଧ୍ୟମ (ଟିଭିଚାନେଲ)ର ଏହି ମାନସିକତା ୬ ବର୍ଷ ତଳେ ଧାରା ୩୭୦ ଉଚ୍ଛେଦ ବେଳେ ମଧ୍ୟ ଅନେକ ମନଗଢା କାହାଣୀ ପ୍ରସାରିତ କରିବେଳେ ଜଣାପଡିଥିଲା। ସେତେବେଳେ କେତେକ ବୈଦ୍ୟୁତିକ ଗଣମାଧ୍ୟମ ଏମିତି ସମ୍ବାଦ ପ୍ରକାଶ କଲେ ସତେ ଯେମିତି କାଶ୍ମୀର କୌଣସି ଦେଶର ଅଂଶ ଥିଲା ଯାହାକୁ କେନ୍ଦ୍ର ସରକାର ଭାରତରେ ମିଶାଇ ଦେଇଛନ୍ତି। ଏହା କେମିତି ସାମ୍ବାଦିକତା ? ସାଧାରଣ ଲୋକେ ତ୍ରିରଙ୍ଗାଧରି ଆତଙ୍କବାଦ ବିରୁଦ୍ଧରେ ପ୍ରଦର୍ଶନ କଲେ। ଏହା କ'ଣ ସମ୍ବାଦ ନୁହେଁକି ? ସବୁଠାରୁ ବିପଦଜନକ କଥା ହେଉଛି କେତେକ ବୈଦ୍ୟୁତିକ ଗଣମାଧ୍ୟମ ଭାରତୀୟ ସେନାର ସମ୍ଭାବିତ ରଣନୀତିକୁ ନେଇ ଚର୍ଚ୍ଚା କରୁଛନ୍ତି। ଯେଉଁ ତଥ୍ୟ ଶତ୍ରୁ ପାଖରେ ପହଞ୍ଚିବା ପାଇଁ ସମୟ ଲାଗିଥାନ୍ତା ତାକୁ କେତେକ ବୈଦ୍ୟୁତିକ ଗଣମାଧ୍ୟମ ତାଙ୍କ ଷ୍ଟୁଡିଓରେ ବସି ପ୍ରସାର କରି ଚାଲୁଛନ୍ତି। ଏସବୁ ଗଣମାଧ୍ୟମକୁ ରାଷ୍ଟ୍ରୀୟ ସୁରକ୍ଷା ସହ ଜଡିତ ପ୍ରସଙ୍ଗ ଉପରେ ଚର୍ଚ୍ଚା ପାଇଁ ଅନୁମତି ଦେଲା କିଏ ? ରାଷ୍ଟ୍ରୀୟ ସୁରକ୍ଷା ଅଧିନିୟମ ଏବଂ ଅଫିସିଆଲ ସିକ୍ରେଟ ଆକ୍ଟ ଅନୁସାରେ ସମ୍ବେଦନ ଶୀଳ ସୂଚନା ସାର୍ବଜନୀନ କରାଯିବା ଉଚିତ୍ ନୁହେଁ। ଏସବୁ ବୈଦ୍ୟୁତିକ ଗଣମାଧ୍ୟମ ରାଷ୍ଟ୍ରୀୟ ସୁରକ୍ଷାକୁ ଲୋକଙ୍କ ମନୋରଞ୍ଜନ ଏବଂ ନିଜର ଧନ୍ଦାର ସାଧନ ବନାଇଛନ୍ତି ଯାହା ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ବିପଦ ନୁହେଁ କି ?

କୌଣସି ଜାତୀୟ ବୈଦ୍ୟୁତିକ ଗଣମାଧ୍ୟମ ସରକାରଙ୍କୁ ପ୍ରଶ୍ନ କରୁନାହାଁନ୍ତି ଯେ ପୁରା ଜାମ୍ମୁ–କାଶ୍ମୀରରେ ବିଭିନ୍ନ ସୁରକ୍ଷା ବଳର ଅଢେଇ ଲକ୍ଷରୁ ଅଧିକ ଜବାନ ମୁତୟନ ଥିବା ବେଳେ ପହଲଗାମରେ ଯେଉଁ ସ୍ଥାନରେ ଆକ୍ରମଣ ହେଲା ସେଠାରେ ଜଣେ ବି ଜବାନ ମୁତୟନ କରାଯାଇନଥିଲା କାହିଁକି ? ଗଣମାଧ୍ୟମକୁ ପ୍ରଶ୍ନ କରିବା ପାଇଁ ଅନେକ କଥା ରହିଛି। କିନ୍ତୁ ପ୍ରଶ୍ନ କରାଯାଉନାହିଁ। ଅଦ୍ୟାବଧି ଫୁଲବାମା ଘଟଣାର ତଦନ୍ତ ହୋଇ ପାରିଲା ନାହିଁ। ପହଲଗାମ ଘଟଣା ଆଉ କିଛିଦିନ ପରେ ଜନମାନସକୁ ଲିଭିଯିବ ଯେମିତି କାନ୍ଦାହାର ହାଇଜାକ୍, ଅକ୍ଷରଧାମ, ରଘୁନାଥ ମନ୍ଦିର, କାରଗିଲ, ସଂସଦ ଉପରେ ଆକ୍ରମଣ, ଅମରନାଥ ଯାତ୍ରୀଙ୍କ ଉପରେ ଆକ୍ରମଣ, ପଠାନକୋଟ, ଉରି ଓ ଫୁଲବାମା ଘଟଣା ଜନମାନସରୁ ଲିଭି ଯାଇଛି। କିନ୍ତୁ ନିକଟରେ ବିଶ୍ୱପ୍ରେସ ଦିବସ ପାଳିତ ହେଇ ଯାଇଛି। ଏଣୁ ଏହି ଅବସରରେ ସାମ୍ବାଦିକତାକୁ ନେଇ ଉଠୁଥିବା ପ୍ରଶ୍ନ ବାବଦରେ ମଧ୍ୟ ତର୍ଜମା କରାଯିବା ଆବଶ୍ୟକ। ପ୍ରଶ୍ନ କରିବା କଥା ସିଏ ଚୁପ୍, ଲେଖିବା ପାଇଁ କଲମରୁ କାଳି ଶୁଖିଯାଉଛି କାହିଁକି ?

**ରାମଚନ୍ଦ୍ରପୁର, ରଣପୁର, ମୋ ୯୪୩୮୪୮୫୦୯୪**

## ପାରିବାରିକ କଳହକୁ ନେଇ ଯୁବକଙ୍କ ଆତ୍ମହତ୍ୟା ସନ୍ଦେହ

**ନାଉଗାଁ,(ଡିକେ ନ୍ୟୁଜ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା ଗ୍ରାମର ଅଭିମନ୍ୟୁ ମହାନ୍ତି (୩୭) ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ରବିବାର ବିଳମ୍ବିତ ରାତିରେ ସମସ୍ତେ ଶୋଇବା ପରେ ଘରର ପଛ ପାର୍ଶ୍ୱ କବାଟ ବନ୍ଦ କରି ପଙ୍ଖାରେ ଗାମୁଛା ବାନ୍ଧି ଝୁଲି ପଡିଥିଲେ। କିଛି ସମୟ ପରେ ତାଙ୍କ ସ୍ତ୍ରୀ ଘର କବାଟ ଖୋଲିବାରୁ କବାଟ ଖୋଲି ନଥିଲା। ପଡୋଶୀଙ୍କ ସହାୟତା କବାଟ ଭାଙ୍ଗି ଭିତରକୁ ଗଲା ବେଳକୁ ଅଭିମନ୍ୟୁ ଝୁଲୁ ଥିବାର ଦେଖିଥିଲେ। ସଙ୍ଗେ ସଙ୍ଗେ ତାକୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ମଧ୍ୟ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଥାନା ପକ୍ଷରୁ ଶବକୁ ଜବତ କରାଯିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ ପରିବାର ଲୋକଙ୍କୁ ମୃତ ଦେହ ହସ୍ତାନ୍ତର କରାଯାଇଛି। ମୃତ ଅଭିମନ୍ୟୁଙ୍କର ଘରେ ଗୋଟିଏ ଛୋଟ ପୁଅ, ଝିଅ ଓ ବିଧବା ପତ୍ନୀ ରହିଛନ୍ତି। ସେ ନିଜ ଗ୍ରାମରେ ଏକ ଛୋଟ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ।

## ମହଙ୍ଗା ପଡିଲା ଡକାୟତି: ୫ ଗିରଫ



**ଉମରକୋଟ,(ଡିକେ ନ୍ୟୁଜ):** ଡକାୟତି ଅଭିଯୋଗରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକ ମାନେ ହେଲେ ଉମରକୋଟ ପୌର ପରିଷଦର ଗୁଲି ପାଟଣା ସାହିରେ ନନ୍ଦ ରେଲି(୨୪),ଦଶରାପଦା ସାହିର ରଘୁ ହରିଜନ (୪୬), ଡଙ୍ଗରୀ ସାହିର ଗୁଡୁ ହରିଜନ (୨୧), ଶୁଭମ (୨୭) ଓ କୁସୁମ ଗୁଡାସାହିର ରାଜେଶ କୁମାର ମହାନ୍ତି (୨୭)। ପୋଲିସ ଏମାନଙ୍କୁ ଡକାୟତି ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଘଟଣା ପ୍ରକାରେ ଉମରକୋଟ ବ୍ଲକ ର ଭରଣ୍ଡି ପଞ୍ଚାୟତ ନାଙ୍ଗରା ଡଙ୍ଗରି ଗ୍ରାମର କର୍ଣ୍ଣ ବିଷୋଇ (୨୨) ଗତକାଲି ସକାଳ ୬ ଘଣ୍ଟା ସମୟରେ ଶୌଚ ହେବା ପାଇଁ ଘରୁ ବାହାରି ଗ୍ରାମ ନିକଟରେ ଥିବା ନବ ନିର୍ମିତ ଭାରତ ମାଳା ରାସ୍ତାରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ୨ ଟି ବାଇକ୍‌ରେ ୫ ଜଣ ଯୁବକ ପାଖକୁ ଆସି ରାସ୍ତାଟି କେଉଁ ଆଡେ ଯାଉଛି ବୋଲି ପଚାରିଥିଲେ। ଏହା ପରେ ସେହି ୫ ଜଣ ଯୁବକ ବିଭିନ୍ନ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଲାତ, ବିଧା, ଚାପୁଡ଼ା ମାରିଥିଲେ। ଏପରିକି ଛୁରି ବାହାର କରି ମୁହଁ, ଗୋଡ ଓ ଛାତିରେ ଆକ୍ରମଣ କରିଥିଲେ। ମାରପିଟ୍ କରିବା ପରେ ଜୀବନରେ ମାରି ଦେବାକୁ ଧମକ ମଧ୍ୟ ଦେଇଥିଲେ। ଏହା ପରେ ୫ ଜଣ ବେକକୁ ଚିପି ଧରି ପ୍ୟାଣ୍ଟ ପକେଟ୍ ରେ ଥିବା ୧୦୦୦/ଟଙ୍କା ଓ ମୋବାଇଲକୁ ନେଇଯାଇଥିଲେ। ଏହାପରେ ଉକ୍ତ ଯୁବକମାନେ ଭାରତମାଳା ରାସ୍ତାର କାର୍ଯ୍ୟରେ ନିୟୋଜିତ ଥିବା ଏକ ଜେସିବି ନିକଟକୁ ଯାଇଥିଲେ। ଉକ୍ତ ଜେସିବିରେ ଢେଙ୍କାନାଳ ଜିଲ୍ଲା ପ୍ରଜଙ୍ଗ ଗ୍ରାମର ନିଳକଣ୍ଠ ସାହୁ (୨୦) ହେଲପର ଭାବେ କାର୍ଯ୍ୟ କରନ୍ତି। ନିଳକଣ୍ଠକୁ ଉକ୍ତ ଯୁବକମାନେ ଛୁରୀ ଦେଖାଇ ଟଙ୍କା ମାଗିଥିଲେ। ନିଳକଣ୍ଠ ଟଙ୍କା ଦେବାକୁ ମନା କରିବାରୁ ରାଗରେ ପାଖରେ ପଡିଥିବା ପଥର ସାହାଯ୍ୟରେ ଜେସିବିର ସମ୍ମୁଖ କାଚଟିକୁ ଭାଙ୍ଗି ଦେଇଥିଲେ। ଯୁବକମାନଙ୍କ ଏଭଳି କାର୍ଯ୍ୟକଳାପ ଦେଖି ନିକଟ କ୍ୟାମ୍ପ ରେ ଥିବା ଅନ୍ୟ ଲୋକମାନେ ପହଞ୍ଚି ଯୁବକମାନଙ୍କୁ କାବୁ କରି ଏକ ବୋଲେରୋ ଗାଡି ମଧ୍ୟରେ ବନ୍ଦ କରି ରଖିଥିଲେ। ଘଟଣାକୁ ନେଇ କର୍ଣ୍ଣଙ୍କ ଭାଇ ଖଗପତି ଉମରକୋଟ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଥାନା ଏଏସଆଇ ଦିଲିପ ବାଗ, କନେଷ୍ଟବଳ ନରେନ୍ଦ୍ର ନାୟକ ଓ ପୋଲିସ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକମାନଙ୍କୁ ଗିରଫ କରିଥିଲେ। ଡ଼ାକ୍ତରୀ ମାଇନା ପରେ ଉକ୍ତ ଯୁବକମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଜନଶୁଣାଣି ଶିବିର ଅନୁଷ୍ଠିତ

**ନବରଙ୍ଗପୁର,(ଡିକେ ନ୍ୟୁଜ):** ପୌରପାଳିକା ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୫୧ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୫ ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଜଣେ ଛୋଟ ବ୍ୟବସାୟୀ ଅଶୋକ ଗୁପ୍ତା ଙ୍କ ୧ ଲକ୍ଷ ଟଙ୍କା ର ଡି ଆର୍ ଆଇ ଋଣ ଅନୁମୋଦନ ହୋଇ ପ୍ରଦାନ କରାଯାଇଥିଲା।

## ନିଖିଳ ଓଡିଶା ଏମଡିଏମ ପାଚିକା ସହାୟିକା ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ



**ଧର୍ମଗଡ଼,(ଡିକେ ନ୍ୟୁଜ):** ସରକାରୀ ବିଦ୍ୟାଳୟ ମାନଙ୍କରେ ମଧ୍ୟାହ୍ନ ଭୋଜନ ଯୋଜନା ଭଳି ପାଇଲଟ ପ୍ରୋଜେକ୍ଟକୁ ସଫଳ କରିବା ପାଇଁ ପାଚିକା ସହାୟିକା ମାନେ ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ ସମୟ ଧରି ବିନା ଛୁଟିରେ ବହୁ ଅସୁବିଧା ମଧ୍ୟରେ ଅକ୍ଳାନ୍ତ ପରିଶ୍ରମ କରି ମଧ୍ୟାହ୍ନ ଭୋଜନ କାମ କରିବା ସହ ସେମାନଙ୍କୁ ବିଦ୍ୟାଳୟର ଅନ୍ୟାନ୍ୟ କାମ କରିବାକୁ ବାଧ କରାଯାଉଛି। ଏଆଇଟିୟୁସି ନେତୃତ୍ୱରେ ସୋମବାର ବିଭିନ୍ନ ଦାବି ନେଇ ସଂଘ ପକ୍ଷରୁ ଧର୍ମଗଡ ଠାରେ ବିଭିନ୍ନ ନାରାବାଜି ମାଧ୍ୟମରେ ଶୋଭାଯାତ୍ରା ସହ ଧର୍ମଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରି ଉପଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପାଚିକା ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଓ ମାସିକ ସର୍ବନିମ୍ନ ମଜୁରୀ ପ୍ରଦାନ, ପାଚିକା ମାନଙ୍କୁ ୧୦ ମାସର ପାରିଶ୍ରମିକ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ, ପିଲା ସଂଖ୍ୟା କମ ପାଇଁ ବନ୍ଦ ହୋଇଥିବା ସ୍କୁଲକୁ ଖୋଲାଯାଇ ପାଚିକାମାନଙ୍କୁ ନିଯୁକ୍ତି ପ୍ରଦାନ, ମଧ୍ୟାହ୍ନ ଭୋଜନ ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ବନ୍ଦ କରାଯାଉ। ମଧ୍ୟାହ୍ନ ଭୋଜନ ଯୋଜନାକୁ ଘରୋଇ ସଂସ୍ଥାକୁ ହସ୍ତାନ୍ତର ବନ୍ଦ କରାଯାଉ, ପାଚିକା ସହାୟିକାଙ୍କ ଅବସର ଓ ମୃତ୍ୟୁ ପରେ ନିଜ ଉତ୍ତରାଧିକାରୀଙ୍କୁ ସୁଯୋଗ ପ୍ରଦାନ, ପାଚିକା ସହାୟିକା ନିଯୁକ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ନିଯୁକ୍ତି ପ୍ରଦାନ ଭଳି ୧୫ ଗୋଟି ଦାବି ନେଇ ଧର୍ମଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରିଥିଲେ। ରାଜ୍ୟ ସଭାପତି ଅକ୍ଷୟ କୁମାର ମେହେରଙ୍କ ନେତୃତ୍ୱରେ ରାଜ୍ୟ ପରିଷଦ ସଭ୍ୟା ଅବନ୍ତୀ ଦଣ୍ଡସେନା, କବିତା ଖର୍ସେଲ, ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟା ବନିତା ବାଗ, ହେମ ନାଏକ, ଧନମତି ଖରସେଲ, କ୍ଷୀର ବାଗ, ରିଖିରାମ ଭାଟି, ଅଯୋଧ୍ୟା ହାତୀ, ଗାୟତ୍ରୀ ଗୋପାଳ, ଦେବକୀ ମାଝୀ, ମାଳସିଲା ନିଆଲ ସମେତ ଶତାଧିକା ପାଚିକା ସାମିଲ ହୋଇଥିଲେ।

# ଶୀତଳ ଭଣ୍ଡାରର ଅଭାବ : ଲିଚୁ ଚାଷୀ ନିରାଶ

**ସମ୍ବଲପୁର,(ଡିକେ ନ୍ୟୁଜ):** ପ୍ରକୃତି ମନୋରମ ଗୁଦଗୁଦା ଜଳପ୍ରପାତର ଶୋଭା ରାଜି ଆଜି ଦିନରେ ଆହୁରି ରଙ୍ଗାୟିତ। ଖୁବ ମନଲୋଭା ଦେଖାଯାଉଛି ଏହି ପ୍ରକୃତିର ପରିବେଶ। ଚରିଆଡେ ନେସି ହୋଇଛି ମାଳମାଳ ଲିଚୁ ଫଳ। ଯାହାରି ଫଳରେ ଜାତୀୟ ଫଳ ବ୍ୟବସାୟୀଙ୍କ ନଜର ଏବେ କୁଚିଣ୍ଡା ଉପରେ। ଆଉ କୁଚିଣ୍ଡାର ଲିଚୁ ପସରା ଏବେ କଲିକତାରୁ ଲମ୍ୱିଛି ମୁମ୍ବାଇ ବଜାରରେ। କୁଚିଣ୍ଡା ସବଡ଼ିଭିଜନ ଅନ୍ତର୍ଗତ କୁସୁମୀ ନିକଟସ୍ଥ ଗୁଦଗୁଦା ଜଳପ୍ରପାତ ଏଥିପାଇଁ ଆକୃଷ୍ଟ କରିଛି ପର୍ଯ୍ୟଟକଙ୍କ ଠାରୁ ବ୍ୟସାୟିଙ୍କୁ। କୁଚିଣ୍ଡାର ଲଙ୍କା ଚାଷ ପରି ଲିଚୁର ଚାହିଦା ବଢିଛି ଜାତୀୟ ବଜାରରେ। ଜଳପ୍ରପାତର ଝରଣା ଜଳ ତଳମୁଣ୍ଡକୁ ପ୍ରବାହିତ ହୋଇ ଯାଉଥିବା ବେଳେ ଅନୀତି ଦୂରରେ ସରକାର ଜଳସେଚନ ବ୍ୟବସ୍ଥା ପାଇଁ ଛୋଟିଆ ବନ୍ଧଟିଏ ନିର୍ମାଣ କରି ତାରି ପାଣିରେ ତଳ ମୁଣ୍ଡରେ ଶହ ଶହ ଏକର ଚାଷୀ ଜମିରେ ସୁନାର ଫସଲ ପାଇଁ ପ୍ରୟାସ କରିଛନ୍ତି। ଚାଷୀ ନିଜ ଜମିରେ ଲଙ୍କା, ଧାନ, ବିରି, କୋଲଥ, ମାଣ୍ଡିଆ, ଚିନା ବାଦମ, ସୋରିଷ ସହିତ ବିଭିନ୍ନ ପନିପରିବା ଚାଷ କରି ବେଶ ଦୁଇ ପଇସା ଉପାର୍ଜିତ କରି ନିଜର ପରିବାର ପ୍ରତିପୋଷଣ କରିଥାଏ। ଏଠାକାର ଜଳବାୟୁକୁ ନେଇ ରାଜା ରାଜୁଡା ସମୟରୁ ଉନ୍ନତ ଧରଣର ଆମ୍ବ, ପଣସ, ଲିଚୁ, କମଳା ଚାଷ ହୋଇଆସୁଛି। ସେହି ସମୟରୁ ଏହି ଅମଳକ୍ଷମ ଫଳ ସବୁ ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ଼ ଠାରୁ ବିଭିନ୍ନ ସ୍ଥାନକୁ ରପ୍ତାନୀ ହେଉଥିଲା। ରାଜାଙ୍କର ରାଜୁତି ପରଠୁ ଅଞ୍ଚଳର ଚାଷୀମାନେ ନିଜ ଚାଷ ଜମିରେ ଏ ସବୁ ଫଳ ଗଛ ଗୁଡିକ ଲଗାଇ ଆଶା ଠାରୁ ଅଧିକ ଲାଭ ପାଇବା ସହ ଦେଶ, ବିଦେଶକୁ ଏଠାରୁ ଆମ୍ବ, ଲିଚୁ, ଲଙ୍କା ରପ୍ତାନି ହୋଇ ଆନ୍ତଃରାଜ୍ୟ ବଜାରରେ କୁଚିଣ୍ଡାର ଲିଚୁ, ଆମ୍ବ ଓ ଲଙ୍କା ବେଶ ନା କରିଥିଲା। ଏବେବି ଏହା ବଜାୟ ରହିଛି। ପ୍ରଥମେ ବଡ଼ବାହାଲ, ରାନେକେଲା, ଲୁନ୍ଦୁରୁଡ଼ିହି, ସାଲେଭାଡ଼ି ଆଦି ଅଞ୍ଚଳରେ ଆମ୍ବ, ଲିଚୁ ଚାଷ ହେଉଥିବା ବେଳେ ଏବେ କୁନ୍ତୁରା, ବୁମଲେଇକେଲାକୁସୁମୀ, କେନ୍ଦଖୁଣ୍ଟି, ଗୋଛରା ସହ ଏନଏସିର ନର୍ସରୀରେ ଚାଷ ହେବା ସହ ଅଞ୍ଚଳର ବହୁ ଘର ବାଡ଼ିରେ ଉନ୍ନତ ମାନର ଆମ୍ବ, ପଣସ, ଲିଚୁ ଆଦି ଚାଷ କରି ବିକ୍ରି ଚାଲିଛି। କୁଚିଣ୍ଡା ବଜାରରେ ଗତ ବୁଧବାର ପ୍ରଥମ କରି କିଛି ଲିଚୁ ପସରା ଦେଖିବାକୁ ମିଳିଥିଲା। ୫୦ଟି ଲିଚୁ ଥିବା ଏକ ପେଣ୍ଡାକୁ ୧୫୦ ଟଙ୍କା ଦରରେ ବିକ୍ରି ଚାଲିଛି। ଏବର୍ଷ ଲିଚୁ ଗଛରେ ସେତେଟା ଫଳ ଆସିନଥିବାରୁ ଅଧିକ ରେଟରେ ବିକ୍ରି ହେବାର ସମ୍ଭାବନା ଜଣାପଡୁଛି। ଆଗକୁ ସାବିତ୍ରୀ ଅମାବାସ୍ୟା ଥିବାରୁ ଲିଚୁ ସହିତ ଆମ୍ବ, ପଣସର ଚାହିଦା ମଧ୍ୟ ରହିଛି। ଆମ୍ବ ମଧ ସେତେ ଫଳ ଆସି ନାହିଁ। ତେଣୁ ଆଗକୁ ଏସବୁର ମୂଲ୍ୟ ବଢିବା ନେଇ ଆଶଙ୍କା ରହିଛି।



ଏଠାକାର ସୁମଧୁର ରସାଳ ଆମ୍ବ ବହୁ ଦୂରକୁ ମିଶନ ଶକ୍ତି ମାଁ ମାନେ ଜୀବିକା ମିଶନ ମାଧ୍ୟମରେ ରପ୍ତାନି କରିଥାନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ଏଥିରୁ ବେଶ ଭଲ ପଇସା ରୋଜଗାର ମଧ କରିଥାନ୍ତି। ଅପରପକ୍ଷରେ ସରକାରୀ ଚାପରେ କେବଳ ଉଦ୍ୟାନ ବିଭାଗ ନିଜର କାର୍ଯ୍ୟ ସାରିଦେଉଥିବାରୁ କୁଚିଣ୍ଡା ଫଳ ଚାଷ ସୁଦୂର ପ୍ରସାରୀ ହୋଇପାରୁନି। ଫଳ ଉଦ୍ୟାନ ପାଇଁ ବହୁ ଉଦ୍ୟୋଗୀ ଏହାକୁ ନିଜର ମୁଖ୍ୟ ପେସା ଭାବେ ଗ୍ରହଣ କରିବାକୁ ଅଣ୍ଟା ଭିଡ଼ିଥିଲେ ମଧ୍ୟ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ସେତେଟା ଉପଯୋଗୀ ହୋଇପାରୁନି। ଉଦ୍ୟାନ ବିଭାଗ ନିଜର ଦକ୍ଷତା ପ୍ରତିପାଦନ କରି ଯଦି ଲଙ୍କା ପରି ଲିଚୁ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ଫଳ ଉଦ୍ୟୋଗୀଙ୍କ ପ୍ରତି ବିଶେଷ ଯୋଜନା ସହିତ ସାମିଲ କରି କାର୍ଯ୍ୟ କରନ୍ତା ତେବେ କୁଚିଣ୍ଡା ଏହି ଫଳ ଚାଷ ଜାତୀୟ କାହିଁକି ଆନ୍ତର୍ଜାତୀୟ କୃଷି ବଜାର ଉପରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିପାରନ୍ତା। ଚାଷୀଙ୍କ ଉତ୍ପାଦନ ପରେ ଏହାକୁ ସୁରକ୍ଷିତ ଭାବେ ସଂରକ୍ଷଣ କରି ରଖିବାକୁ ଶୀତଳ ଭଣ୍ଡାରର ଅଭାବ ଯୋଗୁଁ ଚାଷୀ ନିଜର ଉତ୍ପାଦିତ ଫସଲକୁ କମ ମୂଲ୍ୟରେ ବିକ୍ରି କରିବାକୁ ବାଧ ହେଉଛି। କୁଚିଣ୍ଡାର କୁସୁମୀ, କୁଚିଣ୍ଡା, ଭୋଜପୁର, ଜମନକିରା, ପରୁଆଭାଡି, ବାମରା, ଫାଶୀମାଲ ପ୍ରଭୃତି ସ୍ଥାନରେ ଶୀତଳ ଭଣ୍ଡାର ସ୍ଥାପନା ପାଇଁ ଚାଷୀ ମହଲରେ ଦାବି କରାଯାଉଛି। ଚାଷୀଙ୍କ ଦାବି ମୁତାବକ ଚାହିଦାକୁ ଅନୁଧ୍ୟାନ କରି ଯଦି ଏହି ସ୍ଥାନ ମାନଙ୍କରେ ଶୀତଳ ଭଣ୍ଡାର ଗୁଡିକ ହୁଅନ୍ତା ତେବେ ଚାଷୀ ସେମାନଙ୍କ ଅଣ୍ଟା ସଳଖ କରି ଲାଭବାନ ହୋଇପାରିବେ ବୋଲି ମତ ପୋଷଣ କରୁଛନ୍ତି। କିନ୍ତୁ ଏହାରି ଅଭାବରେ ଅମଳକ୍ଷମ ଫଳ ଆଗକୁ ନଷ୍ଟ ହୋଇଯିବାର ଭୟ ଥିବାରୁ ଓ ଦୈବୀ ଦୁର୍ବିପାକକୁ ଭୟ କରି ଚାଷୀ ତାର ଫଳକୁ ବାହାର ବ୍ୟବସାୟୀଙ୍କ ହାତରେ ଟେକି ଦେବାକୁ ବାଧ ହୋଇଥାଏ। ଏଭଳି ପରିସ୍ଥିତିରେ ସରକାରଙ୍କ ଆନ୍ତରିକତା ଓ କାର୍ଯ୍ୟକାରିତା ଉପରେ କୁଚିଣ୍ଡାର ପରିବା ଓ ଫଳ ଚାଷର ଭବିଷ୍ୟତ ନିର୍ଭର କରୁଛି। ଚାଷ ଓ ଚାଷୀଙ୍କ ମଙ୍ଗଳ ସହିତ କୁଚିଣ୍ଡାର ଖ୍ୟାତି ବଜାୟ ରଖିବାକୁ ସରକାର ଆଗେଇ ଆସିବେ ବୋଲି କୁଚିଣ୍ଡା ବାସୀ ଆଶା ରଖିଛନ୍ତି। ଏପରିକି ଅଞ୍ଚଳର ଜଣେ ଚାଷୀ ପୁଅ ରବିନାରାୟଣ ନାଏକ ରାଜ୍ୟ ସରକାରଙ୍କ ଭଲ ବିଭାଗରେ କ୍ୟାବିନେଟ ମନ୍ତ୍ରୀ ଓ କୁଚିଣ୍ଡାକୁ ବହୁତ ଭଲ ପାଉଥିବା ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରହିଥିବାରୁ ଜାତୀୟ କୃଷି ବଜାରରେ କୁଚିଣ୍ଡା ଶୀର୍ଷ ସ୍ଥାନରେ ପହଞ୍ଚି ପାରିବ ବୋଲି ଯେ କେହିନା ଆଶା କରୁଛନ୍ତି।

## ବ୍ରହ୍ମପୁର ଡାକ୍ତରଖାନାରେ ଡାକ୍ତରଙ୍କ ଘୋର୍ ଅଭାବ




**ବ୍ରହ୍ମପୁର,(ଡିକେ ନ୍ୟୁଜ):** ବ୍ରହ୍ମପୁର ଡାକ୍ତରଖାନାରେ ଡାକ୍ତରଙ୍କ ଘୋର୍ ଅଭାବ। ଏଥିଯୋଗୁଁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ବି ବ୍ୟାଘାତ ହେଉଛି। ଏଭଳି ସ୍ଥିତିରେ ବିନା ସରକାରୀ ଅନୁମତିରେ ବର୍ଷବର୍ଷ ଧରି ଏକାଧିକ ବରିଷ୍ଠ ଡାକ୍ତର ଛୁଟିରେ ରହିବା, ସମସ୍ୟାକୁ ଅଧିକ ଜଟିଳ କରୁଛି। କିନ୍ତୁ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲର ଏପରି ଅବସ୍ଥା ସଂପର୍କରେ ଯେମିତି ସ୍ୱାସ୍ଥ୍ୟବିଭାଗର ଆଦୌ ଚିନ୍ତା ନାହିଁ। ନିୟମିତ ବ୍ୟବଧାନରେ ସମ୍ପୃକ୍ତ ଡାକ୍ତରଙ୍କୁ କେବଳ ନୋଟିସ୍ ଖଣ୍ଡେ ଦେଇ ମୁଣ୍ଡରୁ ଦୋଷ ଖସାଇଦେବା ବ୍ୟତୀତ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ମେଡିକାଲର ଡାକ୍ତର ଲକ୍ଷ୍ମୀକାନ୍ତ ସାଏ (ମୁଣ୍ଡା) ୯୦୯୯ ଜାନୁଆରୀ ୨୫ରୁ କାର୍ଯ୍ୟରେ ଯୋଗ ଦେଇନଥିବା ବେଳେ ଡାକ୍ତର ବିମରଜିତ ପ୍ରଧାନ ୨୦୧୬ ସେପ୍ଟେମ୍ବର ୨୪ରୁ ଅନୁପସ୍ଥିତ ଅଛନ୍ତି। ସେହିଭଳି ଡାକ୍ତର ଏଲ ରବି କୁମାର ୨୦୨୦ ଅକ୍ଟୋବର ୭ରୁ, ଡା ଚୈତାଲି ବୋଷ ୨୦୨୧ ଜୁଲାଇ ୬ରୁ ଡା ସୁଶ୍ରୀ ସଙ୍ଗୀତା କର ୨୦୨୩ ଜୁଲାଇ ୬ରୁ ଡାକ୍ତର ରାମଚନ୍ଦ୍ର ଦେଓ ୨୦୧୬ ଅକ୍ଟୋବର୧୭ ରୁ ଏବଂ ଡାକ୍ତର ସୁନିତା ସାହୁ ୨୦୧୮ ନଭେମ୍ବର ୨୨ରୁ ବିନାନୁମତିରେ ଅନୁପସ୍ଥିତ ରହିଛନ୍ତି। କଲେଜ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, କୌଣସି ଡାକ୍ତର ନିଖୋଜ ନଥିବା ମଧ୍ୟ ସ୍ପଷ୍ଟ କରାଯାଇଛି ନିୟମିତ ବ୍ୟବଧାନରେ ଉପରୋକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ତଦନ୍ତ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ସୂଚନା ଦିଆଯାଉଛି। ଏଭଳି ପରିସ୍ଥିତିରେ ଡାକ୍ତରମାନେ ଦୀର୍ଘ ବର୍ଷ ଧରି କାର୍ଯ୍ୟରେ ଯୋଗ ଦେଇ ନଥିବା ତଥା ବିନା ଅନୁମତିରେ ଲମ୍ବା ଛୁଟିରେ ରହିବା ଫଳରେ ଡାକ୍ତରଙ୍କ ଅଭାବ ଦିଗୁଣିତ ହୋଇଯାଇଛି। ଯାଦ୍ୱାରା ରୋଗୀଙ୍କୁ ଚିକିତ୍ସା ସେବା ମିଳିବା ସମ୍ଭବ ହେଉନାହିଁ। ସରକାରୀ ନିର୍ଦ୍ଦେଶନାମାକୁ କେହି ପାଳନ କରିବା ଦୂରେ ଥାଉ ଖାତିର ମଧ୍ୟ କରୁନାହାନ୍ତି । ଏଣୁ ଅନ୍ତତଃ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆଇନଶୃଙ୍ଖଳା କ୍ଷେତ୍ରରେ ରାଜ୍ୟ ସରକାର କଠୋର ମନୋଭାବ ପୋଷଣ କରିବା ଉଚିତ୍ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବିରଳ ରକ୍ତ ଏ-ନେଗେଟିଭ ରକ୍ତଦାନ ଦେଇ ଜୀବନ ବଞ୍ଚାଇଲେ



**ସମ୍ବଲପୁର,(ଡିକେ ନ୍ୟୁଜ):** ବର୍ତ୍ତମାନ ବୁର୍ଲା ଭିମସାର ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖା ଦେଇଛି। ପଜିଟିବ ରକ୍ତ ନ ମିଳୁଥିବାବେଳେ ଗୋଟିଏ ୨ ବର୍ଷ ୪ ମାସର ଥାଲ୍ଲାସେମିଆ ରୋଗୀକୁ ଅତ୍ୟନ୍ତ ବିରଳ ରକ୍ତ ଏ-ଭିଇ ର ଆବଶ୍ୟକତା ଥିଲା। ବୁର୍ଲା ରକ୍ତଭଣ୍ଡାରରେ ଗୋଟିଏ ବି ରକ୍ତ ନ ଥିଲା। ତେଣୁ ଶିଶୁର ମାଁ ବାପା ସମାଜସେବୀ ରାମଦାସ ପଣ୍ଡାଙ୍କୁ ରକ୍ତ ପାଇଁ ଯୋଗାଯୋଗ କରିଥିଲେ। ଖବର ପାଇ ରାମଦାସ ପଣ୍ଡା ଆଜି ଭାରତୀୟ ଷ୍ଟେଟ ବ୍ୟାଙ୍କର ଶ୍ୟାମ ଭାଇକୁ ଯୋଗାଯୋଗ କରିଥିଲେ। ଶ୍ୟାମ ଭାଇ ଡେପୁଟି ମେନେଜର ପାୟଲ ମହାପାତ୍ରଙ୍କ ନମ୍ବର ଦେଇଥିଲେ। ପାୟଲ ମାଡାମ ସମ୍ବଲପୁରରୁ ବୁର୍ଲାକୁ ଯାଇ ରକ୍ତ ଦାନ କରିଛନ୍ତି। ରୋଗୀକୁ ପିଆରବିଶି ଦରକାର ଥିବାରୁ ଆଜି ରକ୍ତକୁ କମ୍ପୋନେଣ୍ଟରେ ପକେଇ ଆସନ୍ତା କାଲି ସେ ଶିଶୁକୁ ରକ୍ତ ଦିଆଯିବ। ଶିଶୁର ମାଁ ବାପା ପାୟଲ ମାଡାମଙ୍କୁ ଧନ୍ୟବାଦ ଜଣେଇଛନ୍ତି। ଏଥିରେ ରକ୍ତ ଭଣ୍ଡାରର ଦେବାଶିଷ ମିଶ୍ର ସହଯୋଗ କରିଥିଲେ। ଥାଲାସେମିଆ ଗୋଟିଏ ଭାରି ମାରାତ୍ମକ ରୋଗ କିନ୍ତୁ ଦୁଃଖର ବିଷୟ ଏ ବିଷୟରେ ୯୦% ଲୋକ ଜାଣିନାହାନ୍ତି। ଏହି ଶିଶୁକୁ ଆଜୀବନ ମାସକୁ ଗୋଟେ କି ଦୁଇଟି କି ତିନୋଟି ମଧ ରକ୍ତ ଲାଗିପାରେ। ଲୋକମାନେ ଏହି ରୋଗ ବିଷୟରେ ସଚେତନ ହେବା ନିତାନ୍ତ ଆବଶ୍ୟକ। ବର୍ତ୍ତମାନ ବୁର୍ଲା ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଦେଇଛି। ତେଣୁ ରକ୍ତଦାନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଛି।

## ସମୁଦ୍ର ପଥ ଦେଇ ଜାହାଜରୁ ତେଲ ଚୋରି ସାମଗ୍ରୀକୁ ଜବତ କରିଛି ପାରାଦ୍ୱୀପ ମେରାଇନ୍ ପୋଲିସ୍



**ପାରାଦ୍ୱୀପ,(ଡିକେ ନ୍ୟୁଜ):** ପାରାଦ୍ୱୀପ ବନ୍ଦରରେ ଆଙ୍କରେଜ୍‌ରେ ଥିବା ଜାହଜରୁ ଚାଲିଛି ଚୋରା ତେଲ କାରବାର। କୌଣସି ବିଶେଷ ସୂତ୍ରରୁ ଖବର ପାଇ ମାଡି ବସିଲା ପାରାଦ୍ୱୀପ ମେରାଇନ୍ ପୋଲିସ। ଖବର ମୁତାବକ୍ ପାରାଦ୍ୱୀପ ବନ୍ଦର ମଧ୍ୟରେ ଥିବା ଜାହଜରୁ ତେଲ ଚୋରା କାରବାରର ସୁରାକ ପାଇଥିଲା କଷ୍ଟମ ବିଭାଗ। ବନ୍ଦର ମଧ୍ୟକୁ ଯିବା ଆସିବା ପାଇଁ ସମସ୍ତ ଗେଟ୍‌ରେ ତୀକ୍ଷ୍ଣ ନଜର ରଖିବା ସହ ଯାଞ୍ଚ ସମୟରେ ଯାଇ ପାରିନଥିଲା ତେଲ ଚୋରି କରିବା ପାଇଁ ସାମଗ୍ରୀୟ ଆଙ୍କରେଜ୍ ଏରିଆରେ ବିଦେଶୀ ଜାହାଜରୁ ତେଲ ଚୋରା କାରବାର ପାଇଁ ବିପୁଳ ପରିମାଣର ପାଇପ, ପମ୍ପ, ମଟରକୁ ବନ୍ଦର ଭିତରକୁ ଯାଇ ନ ପାରି ସମୁଦ୍ର ପଥରେ ଯିବା ପାଇଁ ପ୍ରସ୍ତୁତି ଚାଲିଥିବା ସମୟରେ ମାଡ଼ିବସି ଥିଲା ମେରାଇନ୍ ପୋଲିସ୍। ପାଇପ ବୋଝେଇ ପିକ୍ ଅପ୍ ଶହ ଚାଳକ ଓ ବୋଟ୍ ଚାଳକକୁ ଗିରଫ କରି ଅଧିକ ତଦନ୍ତ କରୁଛି ପାରାଦ୍ୱୀପ ମେରାଇନ୍ ପୋଲିସ୍। ଇନଭେଷ୍ଟିଗେସନ୍ ଚାଲିଛି ଖୁବ୍ ଶୀଘ୍ର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି କହିଛନ୍ତି ଜଗସିଂହପୁର ଏସ୍‌ପି ଭାବନି ଶଙ୍କର ଉଦଗାତା।

## ଅଲ ଓଡିଶା ରିପୋଟର୍ସ ଆସୋସିଏସନ୍ ଆଠମଲ୍ଲିକ ଉପଖଣ୍ଡ ଶାଖାର ବୈଠକ



**ଅନୁଗୋଳ,(ଡିକେ ନ୍ୟୁଜ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ କିଶୋରନଗର ବ୍ଲକ ଲୁହାମୁଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ ମଧ୍ୟରେ ଅଲ ଓଡିଶା ରିପୋଟରସ ଆସୋସିଏସନ ଆଠମଲ୍ଲିକ ଉପଖଣ୍ଡ ଶାଖା ସୌଜନ୍ୟରେ ଦ୍ୱିତୀୟ ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବାବା ଧବଳେଶ୍ୱର ୱେବ ମିଡ଼ିଆ ସାମ୍ବାଦିକ ମହାସଂଘ ଆଠମଲ୍ଲିକର ସଭାପତି କରୁଣାକର ନାୟକ ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରି ସଭା ପରିଚାଳନା କରିଥିଲେ। ଆରୋ ଅନୁଗୋଳ ଜିଲ୍ଲା ସଭାପତି ବସନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ବାବା ଧବଳେଶ୍ୱର ୱେବ ମିଡ଼ିଆ ସାମ୍ବାଦିକ ମହାସଂଘର ସମ୍ପାଦକ ଦୀପକ କୁମାର ସାହୁ ମୁଖ୍ୟ ଅତିଥି ଜିଲ୍ଲା ସଭାପତିଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମହାସଂଘର ପରାମର୍ଶଦାତା ବଂଶୀଧର ସେଠୀଙ୍କ ଅଧ୍ୟକ୍ଷତରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆଠମଲ୍ଲିକ ଉପଖଣ୍ଡର ସମସ୍ତ ସାମ୍ବାଦିକ ଭାଇମାନଙ୍କୁ ଯୋଡି ସଙ୍ଘଙ୍କୁ ଦୃଢ଼ୀଭୁତ କରି ଆଗାମୀ ଦିନରେ ସମସ୍ତ ସାମ୍ବାଦିକ ଓ ପରିବାରକୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାକୁ ତାହା ଉପରେ ଆଲୋଚନା କରାଯାଇଥିଲା। ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କ ନିଜସ୍ୱ ମତାମତ ନିଆଯାଇଥିଲା। ଆରୋ ସଂଗଠନ ଲକ୍ଷ ଓ ଉଦେଶ୍ୟ ଉପରେ ଆଲୋକ ପାତ କରିବା ସହିତ ଖୁବ ଶୀଘ୍ର ଓଡିଶାରେ ରାଜ୍ୟ ସଭାପତି ଡ଼କ୍ଟର ସୁଧାଂଶୁ ଶେଖର ରାଉତଙ୍କ ନେତୃତ୍ୱରେ ଓଡିଶାର ସମସ୍ତ ରିପୋର୍ଟର ଓ ଜିଲ୍ଲା କାର୍ଯ୍ୟକାରିଣୀ କମିଟିକୁ ନେଇ ଦୁଇଟି ପୃଥକ ଭାବେ ବୈଠକ ହେବାର ପ୍ରସ୍ତାବ ରହିଛି ବୋଲି ଜିଲ୍ଲା ସଭାପତି ବସନ୍ତ କୁମାର ନାୟକ ସଭାରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ କନକ ଟିଭିର ଆଠମଲ୍ଲିକ ସାମ୍ବାଦିକ ଶ୍ରୀମନ୍ତ କୁମାର ସାହୁ ସଂଘରେ ନୂତନ ଭାବେ ଯୋଡି ହୋଇଥିବାରୁ ସଂଘ ପକ୍ଷରୁ ଶ୍ରୀ ସାହୁଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍‌ସହିତ ଲୁହାମୁଣ୍ଡା ମା ହିଙ୍ଗୁଳାଇ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ମୃତିରେଖା ସାହୁ, ପିତା ନିର୍ମଳ ସାହୁ ମାତା ଲବଙ୍ଗଲତା ସାହୁ ଚଳିତ ଦଶମ ପରୀକ୍ଷାରେ ୪୯୧ ନମ୍ବର ରଖି ଲୁହାମୁଣ୍ଡା ମା' ହିଙ୍ଗୁଳାଇ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଅଲ ଓଡିଶା ରିପୋଟରସ ଆସୋସିଏସନ ଜିଲ୍ଲା ସଭାପତି ବାସନ୍ତ କୁମାର ନାୟକ ଗହଣରେ ଆସୋସିଏସନ ଛାତ୍ରୀ ସ୍ମୃତି ରେଖା ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ୨୦ ଜଣ ସାମ୍ବାଦିକ ବନ୍ଧୁ ଯୋଗ ଦେଇଥିଲେ।

## ସର୍ବନିମ୍ନ ମଜୁରୀ ଆଇନ୍ କାର୍ଯ୍ୟକାରୀ କରିବା ଦାବିରେ ଏଆଇଟିୟୁସି ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଘେରାଉ

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ଶ୍ରମିକ ଶ୍ରେଣୀ ଓ ସାମ୍ୟବାଦର ମହାନାୟକ କାର୍ଲ ମାର୍କସଙ୍କ ୨୦୮ ତମ ଜୟନ୍ତୀ ଅବସରରେ ୫ମେ ରେ ଏଆଇଟିୟୁସି ପକ୍ଷରୁ ଦେଶବ୍ୟାପୀ ସର୍ବନିମ୍ନ ମଜୁରୀ ଆଇନ କଡାକଡି ଭାବେ କାର୍ଯ୍ୟକାରୀ କରିବା ଦାବିରେ ଏଆଇଟିୟୁସି ଗଂଜାମ ଜିଲ୍ଲା କମିଟି ପକ୍ଷରୁ ବ୍ରହ୍ମପୁର ସ୍ଥିତ ଉପ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଶ୍ରମର ସମ୍ମାନ ଜନକ ମୂଲ୍ୟାୟନ ଓ ଶ୍ରମ ଶୋଷଣ ବିରୋଧରେ ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ପାର୍କ ସାହି ଜିଲ୍ଲା କାର୍ଯ୍ୟାଳୟ ଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଭାରତୀୟ ଶ୍ରମ ସମ୍ମିଳନୀର ୧୫ତମ ସୁପାରିଶ ଭିତ୍ତିରେ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ବେଳେ ପ୍ରତ୍ୟେକ ଶ୍ରମିକର ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିବହନ, ବିଦ୍ୟୁତ, ମୋବାଇଲ ଓ ଏହାର ରିଚାର୍ଜ, ବୃଦ୍ଧ ପିତାମାତା, ସନ୍ତାନ ସନ୍ତତିଙ୍କ ନ୍ୟାୟକୁ ବିଚାରକୁ ନେଇ ମଜୁରୀ ନିର୍ଦ୍ଧାରଣ କରିବା, ଭାରତୀୟ ଶ୍ରମ ସମ୍ମିଳନୀର ୪୫ ଓ ୪୬ ତମ ସୁପାରିଶ ମତେ ସମସ୍ତ ସ୍କିମ ଶ୍ରମିକ ଯଥା ଆଇସିଡିଏସର ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା, ଜାତୀୟ ସ୍ୱାସ୍ଥ୍ୟ ମିଶନର ଆଶା, ମଧ୍ୟାହ୍ନ ଭୋଜନର ପାଚିକା, ସହାୟିକା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ଜୀବିକା ମିଶନର ଇସି ସଦସ୍ୟ ଓ ଗୋପାଳ ପୁର ବନ୍ଦର ଶ୍ରମିକମାନଙ୍କୁ ମଜୁରୀ ବୃଦ୍ଧି କରିବା ସହ ବର୍ଷ ସାରା କାମ ଯୋଗାଇ ଦେବା, ଅନ୍ୟାନ୍ୟ ସ୍କିମ ଶ୍ରମିକଙ୍କୁ ଶ୍ରମିକ ମାନ୍ୟତା ସହ ଏମାନଙ୍କ ଶ୍ରମକୁ ଓ ଗ୍ରାମ ପଞ୍ଚାୟତ ରାତ୍ର ଜଗୁଆଳୀ, ପିଅନ, ଓ ସଫେଇ ଶ୍ରମିକଙ୍କ ଶ୍ରମକୁ ଅନୁସୂଚିତ ଶ୍ରମ ତାଲିକାରେ ବିଜ୍ଞାପିତ କରିବା ସହ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା ବ୍ୟବସ୍ଥା ପାଇଁ ଦାବି କରାଯାଇଛି। ସେହିଭଳି ସରକାରୀ ଅନୁଦାନ ହ୍ରାସ ହେତୁ ଜୀବିକା




ହରାଇଥିବା ଉଦ୍ୟାନ ସାଥୀଙ୍କୁ କର୍ମନିଯୁକ୍ତି ଇତ୍ୟାଦି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଆଇଟିୟୁସିର ବରିଷ୍ଠ ନେତା ପ୍ରବୀଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଏଆଇଟିୟୁସି ରାଜ୍ୟ ନେତା ପ୍ରଶାନ୍ତ କୁମାର ପଟ୍ଟଯୋଶୀ, ଜିଲ୍ଲା ସମ୍ପାଦକ ଅଳକନାଥ ମିଶ୍ର, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସହ ସମ୍ପାଦକ ପ୍ରଦୀପ ସେଠି, ଆଞ୍ଚଳିକ ସମ୍ପାଦକ କାମଦେବ ନାହାକ, ଆସିକା ଚିନି ଶିଳ୍ପ କର୍ମଚାରୀ ନେତା କୈଳାସ ପଟ୍ଟନାୟକ, ବିଦ୍ୟୁତ କର୍ମଚାରୀ ନେତା ଦୁର୍ଗା ପ୍ରସାଦ, ଅଙ୍ଗନବାଡ଼ି ନେତ୍ରୀ ମମତା ଖୁଣ୍ଟିଆ, ପାଚିକା ସଂଘର ଜିଲ୍ଲା ନେତା ରାଜେନ୍ଦ୍ର ଦାସ ପ୍ରମୁଖ ଉଦ୍‌ବୋଧନ ଦେଇ ତୁରନ୍ତ ଭାରତୀୟ ଶ୍ରମ ସମ୍ମିଳନୀର ଅଧିବେଶନ ଡକାଇ ଶ୍ରମିକ ଶ୍ରେଣୀର ହକ ଏବଂ ଅଧିକାରର ଆଶ୍ୟକୀୟ ସୁପାରିଶ ଭିତ୍ତିରେ ଶ୍ରମିକ ଶ୍ରେଣୀର ସ୍ୱାର୍ଥ ରକ୍ଷା କରି, ସର୍ବନିମ୍ନ ମଜୁରୀ ବୋର୍ଡ ବୈଠକ ଡକାଇ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରିବା, ଶ୍ରମିକ ବିରୋଧୀ ଶ୍ରମ କୋଡ଼ ବାତିଲ ଓ ଦରଦାମ ବୃଦ୍ଧି ନିୟନ୍ତ୍ରଣ ପାଇଁ ଦାବି କରିଥିଲେ। ନୂତନ କର୍ମସଂସ୍ଥାନ ଯୋଗାଇ ପରିବର୍ତ୍ତେ କାର୍ଯ୍ୟରତ ଏକ ଲକ୍ଷ ଅଣଷଠି ହଜାର ମିଶନ ଶକ୍ତି ସ୍କିମ ୱାର୍କରଙ୍କୁ ହିସ୍କାର କରିବା ଘଟଣାକୁ ନିନ୍ଦା କରାଯାଇଥିଲା। ସରକାରୀ ବ୍ୟୟବରାଦ ଅଭାବରୁ ହଜାର ହଜାର ଉଦ୍ୟାନ ସାଥୀ କାମ ହରାଇ ବେରୋଜଗାର ହୋଇଥିବାରୁ ସେମାନଙ୍କୁ କର୍ମ ନିଯୁକ୍ତି ପାଇଁ ଦୃଢ଼ ଦାବି କରାଯାଇଥିଲା। ନିର୍ମାଣ ଶ୍ରମିକ ପଞ୍ଜିକରଣ ବ୍ୟବସ୍ଥାର ସରଳିକରଣ ସହ ବିଭିନ୍ନ ବକେୟା ସୁବିଧା ପ୍ରଦାନ କରିବା ପାଇଁ ଦାବି କରାଯାଇଥିଲା। ଆଜିକାର ଏହି ଆନ୍ଦୋଳନରେ ଓଡିଶା ନିର୍ମାଣ ଶ୍ରମିକ ସଂଘର ହରିହର ପାତ୍ର ରୋହିତ ବିଷୋୟୀ, ପ୍ରଫୁଲ୍ଲ ଜେନା, ଦୈତାରୀ ରେଡ୍ଡୀ, ନର୍ମଦା ନାହାକ, ଯୁଗଳ କିଶୋର ଶତପଥୀ, ମାଡିକେଶ୍ୱରୀ ପଟ୍ଟନାୟକ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ପ୍ରମୁଖ ଏହି ସଭା ଓ ଶୋଭାଯାତ୍ରା ପରିଚାଳନା କରିଥିଲେ।

# ପରୀକ୍ଷାରେ ଏ'୧ ଗ୍ରେଡ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା



ଝାରସୁଗୁଡ଼ା, (ଡିକେ ନ୍ୟୁଜ): ପରିଶ୍ରମ ସଫଳତା ଆଣିଥାଏ, ଭବିଷ୍ୟତ ଗଢିବା ପାଇଁ ମ୍ୟାଟ୍ରିକ ପରୀକ୍ଷା ପ୍ରଥମ ସୋପାନ ବୋଲି ବିଧାୟକ ଟଙ୍କଧର ତ୍ରିପାଠୀ ଉଲ୍ଲେଖ କରିବା ସହ ଜିଲ୍ଲାର ଏ'୧ ଗ୍ରେଡ ହାସଲକାରୀ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଛନ୍ତି। ଆଗାମୀ ଦିନର ଲକ୍ଷ୍ୟ ଆଜିଠୁ ସ୍ଥିର କରିବାକୁ ଉଦବୋଧନ ଛଳରେ ଉପଦେଶ ଦେଇଛନ୍ତି ବିଧାୟକ। ଜିଲ୍ଲାର ମ୍ୟାଟ୍ରିକ ପରୀକ୍ଷାରେ ଏ'୧ ଗ୍ରେଡ ହାସଲ କରିଥିବା ୩୩ଜଣ ଛାତ୍ରଛାତ୍ରୀଙ୍କୁ ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରିବା ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସହ ଗତବର୍ଷ ଜିଲ୍ଲାର ସରକାରୀ ଓ ବେସରକାରୀ ବିଦ୍ୟାଳୟରୁ ୨୦ଜଣ ଛାତ୍ରଛାତ୍ରୀ ଏ'୧ ଗ୍ରେଡ ପାଇଥିବା ବେଳେ ଚଳିତ ବର୍ଷ ଏହା ବୃଦ୍ଧି ପାଇ ୩୩ରେ ପହଂଚିଥିବା ତଥା ଛାତ୍ରଛାତ୍ରୀଙ୍କୁ ଉତ୍ତମ ପ୍ରଦର୍ଶନ ପାଇଁ ପ୍ରୋତ୍ସାହିତ କରିଥିବାରୁ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଭୂମିକା ଉଦ୍ଦେଶ୍ୟରେ ସାଧୁବାଦ ଜଣାଇଥିଲେ। ଏଥିସହିତ ଆଗାମୀ ବର୍ଷ ଏହି ସଂଖ୍ୟା ୩୩ରୁ ବୃଦ୍ଧି ପାଇ କିପରି ୩୦୦ରେ ପହଞ୍ଚିବ ସେଥିପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀ ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ବିଧାୟକ ଉପଦେଶ ଛଳରେ ନିଜ ଛାତ୍ର ଜୀବନରେ କରିଥିବା ସଂଘର୍ଷ ସମ୍ପର୍କରେ କହିଥିଲେ। ଆଗାମୀ ବର୍ଷ ପାଇଁ ମ୍ୟାଟ୍ରିକ ପରୀକ୍ଷାରେ ଜିଲ୍ଲାର ଛାତ୍ରଛାତ୍ରୀ କିପରି ଉତ୍ତମ ପ୍ରଦର୍ଶନ କରିବେ ସେଥିପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିକଟରୁ ସୁଚିନ୍ତିତ ମତାମତ ଆହ୍ୱାନ କରିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ରାଜ୍ୟରେ ମ୍ୟାଟ୍ରିକ ଫଳାଫଳ ଦୃଷ୍ଟିରୁ ଝାରସୁଗୁଡ଼ା ଜିଲ୍ଲା ପାସ ହାରରେ ପଞ୍ଚମ ସ୍ଥାନ ହାସଲ କରିଥିବା ବେଳେ ଚଳିତ ବର୍ଷ ଉନ୍ନତ ପ୍ରଦର୍ଶନ ହାରରେ ଜିଲ୍ଲା ତୃତୀୟ ସ୍ଥାନ ହାସଲ କରିପାରିଛି। ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଆଗକୁ ବଢ଼ିବା ପାଇଁ ସ୍ୱପ୍ନ ଜରୁରୀ ବୋଲି କହିଥିଲେ। ସ୍ୱପ୍ନକୁ ଜିଲ୍ଲା, ରାଜ୍ୟ କିମ୍ବା ଦେଶ ଭିତରେ ସୀମିତ ନରଖି ଆଗକୁ ବଢ଼ିବାରେ ପୋତ୍ସାହିତ କରୁ ବୋଲି ଆଶା ପ୍ରକଟ କରିଥିଲେ। ବୃହତ୍ତର ମାନବିକତା ଦିଗରେ ସ୍ୱପ୍ନ ଗତି କରିବା ଜରୁରୀ ବୋଲି ଜିଲ୍ଲାପାଳ ମତ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡ଼ତିଆଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ଗଡ଼ତିଆ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଶିକ୍ଷା ଜିଲ୍ଲା ଅଧିକାରୀ ପ୍ରଦୀପ୍ତ ସା ଓ ରବିନ୍ଦ୍ର ମାଝୀ, ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ଅଧକ୍ଷା ରିନାତା ଦାସ ମଞ୍ଚରେ ଅନ୍ୟତମ ଅତିଥି ଭାବରେ ଉପସ୍ଥିତ ଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଅଲିଭ ରଞ୍ଜନ ପ୍ରସେଠ ଓ ତୁଳସୀ ପଡ଼ା ଏବଂ ଲଇକେରା ବ୍ଲକ ପାଖେଲଖୋଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ପଣ୍ଡା ମ୍ୟାଟ୍ରିକ ପରୀକ୍ଷା ସମ୍ପର୍କରେ ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ସୁବର୍ଣ୍ଣପୁର, (ଡିକେ ନ୍ୟୁଜ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୭ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ୪୦ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୭ଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ ସୋନପୁର ପ୍ରତୀକ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପଲ୍ଲବୀ ରାଣୀ ରାଜ, ଉପଜିଲ୍ଲାପାଳ ସୋନପୁର ଡ଼ଃ. ସୌମ୍ୟାରୂପା ରଥ ସମେତ ତହସିଲଦାର ସୋନପୁର ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ସରସ୍ୱତୀ ବିଦ୍ୟା ମନ୍ଦିର ପକ୍ଷରୁ ଇଂରାଜୀ ଓ ଗଣିତ ପ୍ରଶିକ୍ଷଣ ଶିବିର ଉଦଘାଟିତ




ଧର୍ମଗଡ଼, (ଡିକେ ନ୍ୟୁଜ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ କୁସୁମଖୁଣ୍ଟି ସରସ୍ୱତୀ ବିଦ୍ୟା ମନ୍ଦିର ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ୧ ମାସ ଧରି ଇଂରାଜୀ ଓ ଗଣିତ ପ୍ରଶିକ୍ଷଣ ଶିବିର ସୋମବାର ଉଦଘାଟିତ ହୋଇ ଯାଇଛି। ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ କୁସୁମଖୁଣ୍ଟି ଇନ୍ଦ୍ରାବତୀ ଡିଭିଜନର ସହକାରୀ ଯନ୍ତ୍ରୀ ଆଦିତ୍ୟ ପଟ୍ଟନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଇଂରାଜୀ ଅଧ୍ୟାପକ କୋଡ଼ିଙ୍ଗା ପଞ୍ଚାନନ ଦୁରିଆ, ଯୁବ ଉଦ୍ୟୋଗପତି ବିବେକ ଅଗ୍ରୱାଲ, ଅବସରପ୍ରାପ୍ତ ଶିକ୍ଷକ ସତ୍ୟବାନ ପାଣିଗ୍ରାହୀ, ସମାଜସେବି ନରେଶ କୁମାର ପଣ୍ଡା, ଅଧକ୍ଷ ଇସିଏମ ରୂପେନ୍ଦ୍ର ସୁନାନୀ ମଞ୍ଚରେ ଉପସ୍ଥିତ ରହି ଇଂରାଜୀ ଓ ଗଣିତ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ନିଜର ମତାମତ ପ୍ରଦାନ କରିଥିଲେ। ବିଦ୍ୟା ମନ୍ଦିରର ସଭାପତି ବୃନ୍ଦାବନ ପୁଝାରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ରାମକୃଷ୍ଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଦ୍ୟା ମନ୍ଦିରର ପରମାନନ୍ଦ ବେମାଲ, ଭିକାରୀ ଚରଣ ବିଶି, ଦୁଷ୍ମନ୍ତ ପୁଝାରି, ଭୋଳାନାଥ ଗହୀର, ସନ୍ଧ୍ୟାରାଣୀ ମହାରଣା, ସ୍ନିଗ୍ଧା ଭଞ୍ଜ, ମିନାକ୍ଷୀ ବାଗ, ତରୁଣୀ ଗୋପାଳ, ସୁଲନ୍ନା ଦାସ, ବୈଶାଳି ନାଗ, ଗଗନେଶ୍ୱର ବେହେରା, ସବିତା ଭାଟି ପ୍ରମୁଖ ଗରୁଜି, ଗୁରୁମା, କର୍ମଚାରୀମାନେ ସହଯୋଗ କରିଥିଲେ।

# ବିଶ୍ୱନାଥପୁର ତ୍ରିନାଥ ଠାକୁରଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ



କଳାହାଣ୍ଡି, (ଡିକେ ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଶ୍ୱନାଥପୁର ତ୍ରିନାଥ ଠାକୁରଙ୍କ ବିଗ୍ରହ ସ୍ଥାପନ ଉତ୍ସବ ମହାସମାରୋହ ସହ ଅନୁଷ୍ଠିତ ହୋଇଯାଇଛି। ଗାଁର ଶତାଧିକ ମହିଳା ଓ ପୁରୁଷମାନେ ଏକତ୍ରିତ ହୋଇ ସଂକୀର୍ତ୍ତନ, ଘଣ୍ଟ, ଶଙ୍ଖ, ହୁଳହୁଳି ଦେଇ ତ୍ରିନାଥ ବିଗ୍ରହ ସ୍ଥାପନ କରିଥିଲେ। ହୋମଯଜ୍ଞ ହେବା ସହ ଦେବତାଙ୍କ ପ୍ରାଣ ପ୍ରତିଷ୍ଠା, ପୂର୍ଣ୍ଣାହୁତି, ପ୍ରସାଦ ସେବନ ସହିତ ପୂଜାର୍ଚ୍ଚନା ଶେଷ ହୋଇଥିଲା। ଏଥିରେ କର୍ତ୍ତା ଭାବେ ବିଘ୍ନରାଜ ସାହୁ ଓ ତାଙ୍କ ଧର୍ମପତ୍ନୀ ସରୋଜା ସାହୁ ଓ ମନୋରଞ୍ଜନ ବିଶି ଓ ତାଙ୍କ ଧର୍ମପତ୍ନୀ ଗୀତାଞ୍ଜଳି ବିଶି ଦାୟିତ୍ୱ ଗ୍ରହଣ କରିଥିବା ବେଳେ ମୁଖ୍ୟ ପୂଜକ ମାୟା ଧର ଶତପଥୀ ଓ ରୁନୁ ପାଢ଼ୀ ପୂଜାର୍ଚ୍ଚନା କରିଥିଲେ। ଏଥିରେ ତ୍ରିନାଥ ମନ୍ଦିର କମିଟି ସଭାପତି ମନୋରଂଜନ ବିଶି, ସମ୍ପାଦକ ଧବଳେଶ୍ୱର ଠେଲା, କୋଷାଧ୍ୟକ୍ଷ ତ୍ରିଲୋଚନ ସତପଥି, ବନ ଦଳେଇ, ମାଧବ ଦଣ୍ଡସେନା, ଗୌତମ ଦଣ୍ଡସେନା, କୃପାସିନ୍ଧୁ ସାହୁ, ଫକିର ପ୍ରଧାନୀ ବବୁରୁ ଘଡ଼େଇଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ ଶ୍ରଦ୍ଧାଳୁ ଓ ଗ୍ରାମବାସୀମାନେ ସହଯୋଗ କରିଥିଲେ।

# ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ଭଦ୍ରକ, (ଡିକେ ନ୍ୟୁଜ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସଦଭାବନା ସଭା ଗୃହ ଠାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ସରୋଜ କୁମାର ଦତ୍ତ, ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ସୁଧାଂଶୁ ଶେଖର ବଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସହିତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣି ଶିବିରରେ ମୋଟ ୧୩୬ଟି ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିମଧ୍ୟରୁ ୧୧୩ଟି ବ୍ୟକ୍ତିଗତ ଥିଲାବେଳେ ୨୩ଟି ସାମୁହିକ ଥିଲା। ୬ଜଣଙ୍କୁ ୪୩୦୦୦ଟଙ୍କା ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଓ ୨ ଜଣଙ୍କୁ ୩୦୦୦୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କର ରିଲିଫ ପାଣ୍ଠିରୁ ଅନୁଦାନ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ପରେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନିଜ ସ୍ୱାଭିମାନ ପାଇଁ...

୩୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଯାହାଦ୍ୱାରା ୩୦ରୁ ୩୫ ହଜାର ଯୁବକ ଯୁବତୀ ରୋଜଗାର ପାଇବେ। ଶିଳ୍ପ ପ୍ରତିଷ୍ଠାନ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନ ପ୍ରକଳ୍ପ ଗୁଡିକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ ଯାହା ଦ୍ୱାରା କେନ୍ଦୁଝର ଜିଲ୍ଲା ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ଆଗକୁ ଯିବ। କାର୍ଯ୍ୟକ୍ରମରେ ଯୋଗଦେଇ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିପ୍ଳବୀ ଧରଣୀଧରଙ୍କୁ ସ୍ୱାଭିମାନର ପ୍ରତୀକ ବୋଲି କହିବା ସହିତ ତାଙ୍କ ଜୀବନୀରୁ ପ୍ରତ୍ୟେକ ବର୍ଗ ଅନୁପ୍ରାଣିତ ହେବା ପାଇଁ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର କାଙ୍ଗାଳି ଚରଣ ନାଏକଙ୍କୁ ଧରଣୀଧର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡଃ.ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ ପ୍ରମୁଖ ନିଜ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ବିପ୍ଳବୀ ଧରଣୀଧର ନାଏକଙ୍କ ବଂଶଧର କଳାକର ନାଏକ ଯୋଗଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ସମ୍ପାଦକ ଶ୍ୟାମ ସୁନ୍ଦର ନାଏକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ଉପଦେଷ୍ଟା ମମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାସ୍ଥ୍ୟସେବାକୁ ଏକ ମିଶନ...

ସୁଦୃଢ଼ କରାଯାଉଛି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ କରାଯାଉଛି। ନୂଆ ସରକାର ଆସିବା ପରେ ୪ ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମଚାରୀ ପଦବୀ ପୂରଣ କରାଯାଇଛି। ଆଗାମୀ ଦିନରେ ୫ହଜାର ଡାକ୍ତର ପଦବୀ ପୂରଣ କରାଯିବ। ଏହା ସହିତ ନୂଆ ନୂଆ ଆମ୍ବୁଲାନ୍ସ ମଧ୍ୟ ଯୋଗାଇ ଦିଆଯାଉଛି। ତେଣୁ, ବିଭିନ୍ନ କ୍ଷେତ୍ରରେ ଓଡିଶା ଯେଉଁ ବିକାଶ କରିବାର ଲକ୍ଷ୍ୟ ନେଇ ଆଗକୁ ବଢୁଛି, ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଓଡିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ ହେବ। ଦୁର୍ଘଟଣା ଜନିତ ମୃତ୍ୟୁହାର ହ୍ରାସ କରିବା କ୍ଷେତ୍ରରେ ମଧ୍ୟ ଓଡିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଖୁବଶୀଘ୍ର ଆଉ ୪ଟି ନୂଆ ମେଡିକାଲ କଲେଜ ସ୍ଥାପନ କରାଯିବ। ସେଗୁଡିକ ହେଲା ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ ଓ ନବରଙ୍ଗପୁର। ଧିରେ ଧିରେ ରାଜ୍ୟର ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠିତ ହେବ। ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ଦେଶରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ କେନ୍ଦ୍ର ସରକାର ସବୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ଏଥିପାଇଁ ୬୦ ପ୍ରତିଶତ ଅର୍ଥ ଦେଉଥିବା ବେଳେ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥଦେବେ। ଏହାର ସୁଯୋଗ ନେଇ ଅନେକ ରାଜ୍ୟ ବହୁତ ମେଡିକାଲ କଲେଜ ପ୍ରତିଷ୍ଠା କରିଛନ୍ତି। ତେଲେଙ୍ଗାନାରେ ବର୍ତ୍ତମାନ ୩୪ଟି ମେଡିକାଲ କଲେଜ ସ୍ଥାପନ ହୋଇଛି। କିନ୍ତୁ ଓଡିଶାରେ ଖୁବ୍ କମ୍ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ପୂର୍ବ ସରକାର ରାଜନୈତିକ କାରଣ ଯୋଗୁ ଏ ଦିଗରେ ବିଶେଷ ଧ୍ୟାନ ଦେଇନଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ପାଇଁ ରାଜ୍ୟରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହାଦ୍ୱାରା ଆମର ସାଧାରଣ ଲୋକମାନେ ଦେଶର ୨୯ ହଜାର ସରକାରୀ ଓ ବେସରକାରୀ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରିବେ। ୭୦ ବର୍ଷରୁ ଅଧିକ ସମସ୍ତ ବୟୋଜ୍ୟେଷ୍ଠଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ପରିଶେଷରେ ଡାକ୍ତରମାନଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଆପଣମାନେ ସ୍ୱାସ୍ଥ୍ୟସେବାକୁ ଜୀବନର ଏକ ମିଶନ ଭାବେ ଗ୍ରହଣ କରନ୍ତୁ। ବୃତ୍ତିଗତ ଦକ୍ଷତା ସହିତ ସେବା ମନୋଭାବ ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା ସ୍ୱାସ୍ଥ୍ୟକ୍ଷେତ୍ରରେ ମଧ୍ୟ ଓଡିଶା ବିଭିନ୍ନ ସୂଚକାଙ୍କରେ ଉନ୍ନତି ହାସଲ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମେଡିକାଲ କଲେଜର ଅଧକ୍ଷା ଡଃ ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମେଡିକାଲ ସୁପରିଟେଣ୍ଡେଣ୍ଟ ମହେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ମୋଦିଙ୍କୁ ଭେଟିଲେ...

ଆସିଛି। ଏହାପରେ ପିଏମ୍ ମୋଦି ନିକଟରେ ପହଲଗାମ୍ ଆତଙ୍କୀ ହମଲା ପରେ ଭାରତୀୟ ବାୟୁସେନା ମୁଖ୍ୟଙ୍କ ସହିତ ତିନି ସେନା ମୁଖ୍ୟଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏହି ବୈଠକ ୨୯ ଏପ୍ରିଲ ୨୦୨୫ରେ ହୋଇଥିଲା। ଏଥିରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଓ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ପିଏମ୍ ମୋଦି ସେନାକୁ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରିଥିଲେ।

### ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ...

କମିଟିର ସୁପାରିଶ କ୍ରମେ କେନ୍ଦ୍ର ସରକାର ସିବିଆଇ ନିର୍ଦ୍ଦେଶକଙ୍କୁ ନିଯୁକ୍ତ କରନ୍ତି। ଏହା ପୂର୍ବରୁ, କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବା ପାଇଁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ରାହୁଲଙ୍କ ବ୍ୟତୀତ ସିଜେଆଇ ସଞ୍ଜିବ ଖାନ୍ନା ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ନୂତନ ସିବିଆଇ ନିର୍ଦ୍ଦେଶକଙ୍କ ନିଯୁକ୍ତି ବିଷୟରେ ଏଠାରେ ଆଲୋଚନା ହୋଇଥିଲା।

### 'ବଳକା ଦାରୁ...

ଅନୁଯାୟୀ, ପୁଣି ୭ ଦିନ ଭିତରେ ଜଣାଇବା ପାଇଁ କୁହାଯାଇଛି। ସେଥିରେ ସନ୍ତୁଷ୍ଟ ନହେଲେ ଶ୍ରୀମନ୍ଦିର ପ୍ରଶାସନ ଦଣ୍ଡିତ କରିବ। ସମସ୍ତ ଜଗନ୍ନାଥପ୍ରେମୀଙ୍କୁ ବାଧିଛି। ଜଗନ୍ନାଥଙ୍କ କୌଣସି ଜିନିଷ ନେଇ କେହି ବଞ୍ଚିବେ ନାହିଁ। ଆଇନ ମନ୍ତ୍ରୀ ପୁଣି କହିଛନ୍ତି ଯେ, ମହାରଣା ସେବକ, ବିଭିନ୍ନ ନିଯୋଗ, ଦଇତାପତି ନିଯୋଗ ଓ ଯେଉଁମାନେ ଦୀଘା ଯାଇଥିଲେ। ସେମାନଙ୍କୁ ନେଇ ମାରାଥନ ବୈଠକ ହୋଇଥିଲା। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ମହାପ୍ରଭୁଙ୍କର କ'ଣ ଦୈନନ୍ଦିନ କାର୍ଯ୍ୟ ରହିବ ଏନେଇ ରାଜ୍ୟର ସବୁ ଜଗନ୍ନାଥ ମନ୍ଦିରକୁ ଶ୍ରୀମନ୍ଦିର ପକ୍ଷରୁ ଖୁବଶୀଘ୍ର ମାର୍ଗଦର୍ଶିକା ଜାରିହେବ। ଦୀଘାରେ ଜଗନ୍ନାଥ ଧାମ ଉଲ୍ଲେଖ କରାଯାଇଥିଲା। ଏହାକୁ ସମସ୍ତେ ଏହାକୁ ବିରୋଧ କରିଛନ୍ତି। ଧାମ ଶବ୍ଦର ନାମ କେବଳ ଚାରି ଧାମରେ ଲାଗିବ। ପଶ୍ଚିମବଙ୍ଗ ସରକାରଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଲେଟର ଯିବ ଏବଂ ଦୀଘା ଠାରେ ମହାଦୋଧି ନାମକୁ କାଟିବା ପାଇଁ ଜଣାଇବୁ। ଯଦି ନମାନିଲେ ଆଇନଗତ ଆଶ୍ରୟ ନେବୁ। ସେବାୟତମାନେ କେଉଁଠିକୁ ଯିବେ ନଯିବେ ମାର୍ଗଦର୍ଶିକା ଜାରି ହେବ।

# ଏବିଭିପି ବୌଦ୍ଧ ନଗର ବୈଠକ ଅନୁଷ୍ଠିତ

ବୌଦ୍ଧ, (ଡିକେ ନ୍ୟୁଜ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ବୌଦ୍ଧ ଜିଲ୍ଲାର ବୌଦ୍ଧ ନଗର ବୈଠକ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବୌଦ୍ଧ ଠାରେ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ଆଗାମୀ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଶିକ୍ଷା ବର୍ଷ ପାଇଁ ଅଧିକରୁ ଅଧିକ ସଦସ୍ୟତା ଦ୍ୱାରା ନୂତନ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱର ସର୍ବବୃହତ ଅଣରାଜ ନୈତିକ ଛାତ୍ର ସଂଗଠନ ଏବିଭିପିରେ ଅଧିକରୁ ଅଧିକ ସଦସ୍ୟତା ଅଭିଯାନ ଦ୍ୱାରା ସଂଗଠନରେ ବିଦ୍ୟାର୍ଥୀମାନଙ୍କୁ ଯୋଡ଼ାଯିବ। ବିଭିନ୍ନ ମହାବିଦ୍ୟାଳୟର ସମସ୍ୟାକୁ କେମିତି ସମାଧାନ କରାଯିବ ତା'ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ବୌଦ୍ଧ ନଗରରେ କେମିତି ସଂଗଠନ କାର୍ଯ୍ୟକୁ ଆହୁରି ସୁଦୃଢ଼ କରାଯିବ ତା'ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ବୌଦ୍ଧ ଜିଲ୍ଲା ସଂଯୋଜକ ପ୍ରତ୍ୟୁଷ ରଞ୍ଜନ ଦାନୀ, ଓଡ଼ିଶା (ପଶ୍ଚିମ)ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୁଣ୍ୟଶ୍ଳୋକ ପଟ୍ଟନାୟକ, ବୌଦ୍ଧ ନଗର ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର ଓ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲ୍ଲା ଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବ୍ରହ୍ମପୁର, (ଡିକେ ନ୍ୟୁଜ): ଗଞ୍ଜାମ ଜିଲ୍ଲା ଜଜ୍ ଇତି ମଧ୍ୟରେ କନ୍ଧମାଳ ଜିଲ୍ଲାର ଫୁଲବାଣୀକୁ ବଦଳି ହୋଇଯାଇଛନ୍ତି। ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିଜର କାର୍ଯ୍ୟକାଳ ମଧ୍ୟରେ ଗଞ୍ଜାମ ଓକିଲଙ୍କ ପ୍ରିୟପାତ୍ର ହୋଇଥିବା ସମ୍ମାନନୀୟା ଜିଲ୍ଲାଜଜ ରୁପଶ୍ରୀ ଚୌଧୁରୀଙ୍କୁ ସୋମବାର ଗଞ୍ଜାମ ଓକିଲ ସଂଘର ସଦସ୍ୟମାନଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା, ବରିଷ୍ଠ ଆଇନଜୀବୀ ନୟନ ମହାପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ, ସଞ୍ଜୟ ମିଶ୍ର, ଦନାର୍ଦ୍ଦନ ସୁବୁଦ୍ଧି, କୈଳାଶ ପାଣିଗ୍ରାହି, ବରୁଣ ଗୌଡ଼, ଅକ୍ଷୟ ପଟ୍ଟନାୟକ, ତାପସ ସାହୁ, ବିରଞ୍ଚି ମହାପାତ୍ର, ବ୍ରଜ ବିଶୋଇ, ଯୋଗେଶ୍ୱର ପୁରୋହିତ, ନବୀନ ପଣ୍ଡିତ, ସୁଧାଂଶୁ ସେଠି, କମଳ ପଣ୍ଡା, ସୁଶାନ୍ତ ପାଣିଗ୍ରାହୀ, ରାମା ମହାପାତ୍ର, ସଂଘମିତ୍ରା ପଣ୍ଡା, ରଶ୍ମି ନାୟକ, ରୀତା ସ୍ୱାଇଁ ପ୍ରମୁଖ ସତାଧିକ ଆଇନଜୀବୀ ଅଂଶ ଗ୍ରହଣ କରି ଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର




ବରଗଡ଼, (ଡିକେ ନ୍ୟୁଜ): ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏବଂ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୫୭ଟି ଅଭିଯୋଗ ମଧ୍ୟରୁ ୩୫ଟି ବ୍ୟକ୍ତିଗତ ଏବଂ ୨୨ଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଶ୍ରୀ ମନ୍ଦିରରେ ନୀଳାଦ୍ରୀ ମହୋଦୟାଷ୍ଟମୀ ସମ୍ପନ୍ନ

ପୁରୀ, (ଡିକେ ନ୍ୟୁଜ): ପବିତ୍ର ବୈଶାଖ ମଶୁକ୍ଳ ଅଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ସମ୍ପନ୍ନ ହୋଇଛି ନୀଳାଦ୍ରୀ ମହୋଦୟାଷ୍ଟମୀ ନୀତି। ୧୦୮ ଗଡୁ ଜଳରେ ଦର୍ପାଣୀ ସ୍ନାନ କରିଛନ୍ତି ଚତୁର୍ଦ୍ଧା ମୂର୍ତ୍ତି। ଶ୍ରୀମନ୍ଦିରର ବାର୍ଷିକସ୍ନୋବ ଭାବେ ପାଳିତ କରାଯାଉଥିବା ଆଜିର ଦିବସରେ ସମ୍ପନ୍ନ ହୋଇଛି ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତି କାନ୍ତି। ସୋମବାର ମଙ୍ଗଳ ଆଳତି, ଅବକାଶ, ଗୋପାଳ ବଲ୍ଲଭ, ସକାଳ ଧୂପ ଆଦି ନୀତି ପରେ ରବିବାର ଠାରୁ ଅଧିବାସ ହୋଇଥିବା ୧୦୮ ଜଳଗରାକୁ ଗରାବଡୁ ସେବକମାନେ ବାଘମୁହାଁ। ବାନ୍ଧି ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଆଣି ପନ୍ତି ରଖିଥିଲେ। ଏହାପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ୩୫ ଗରା, ପ୍ରଭୁ ବଳଭଦ୍ରଙ୍କୁ ୩୩ ଗରା, ଦେବୀ ସୁଭଦ୍ରାଙ୍କୁ ୨୨ ଗରା ଓ ପ୍ରଭୁ ସୁଦର୍ଶନଙ୍କୁ ୧୮ ଗଡୁ ଜଳରେ ପ୍ରତୀକାତ୍ମକ ଭାବେ ଦର୍ପଣୀ ସ୍ନାନ କରାଯାଇଥିଲା। ପୂଜାପଣ୍ଡା ସଂସ୍କାର କରି ଜଳଲାଗି କରିଥିଲେ। ପୁଷ୍ୟାଭିଷେକ ନୀତି ପରି ଏହି ଅଭିଷେକ ନୀତି ସମ୍ପନ୍ନ ହୋଇଥିଲା। ପରେ ରୂପା ପିଙ୍ଗଣରେ ପଣ୍ଡା, ପତି ଓ ମୁଦିରସ୍ତ ଚନ୍ଦନ ବିଜେ କରାଇ ଆଣି ସିଂହାସନ ଉପରେ ସଂସ୍କାର କରାଇ ପୃଷ୍ପାଳକଙ୍କ ସହିତ ଚନ୍ଦନ ସର୍ବାଙ୍ଗ କରିଥିଲେ। ପରେ ଧୋ ପଖାଳ ହୋଇ ଯାତ୍ରାଙ୍ଗ ଭୋଗ ଓ ମଧ୍ୟାହ୍ନ ଧୂପ ଛାମୁକୁ ଆସିଥିଲା। ଧୂପ ଉଠିବା ପରେ ଦକ୍ଷିଣ ଭୋଗ ସରି ରାମକୃଷ୍ଣ ଓ ମଦନମୋହନ ସିଂହାସନକୁ ବିଜେ କରିଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଧୂପ ମଣୋହି ପରେ, ପାଣି ପଢ଼ି ଧୋପଖାଳ ହୋଇଥିଲା। ତିନିବାଡ଼ରେ ବନ୍ଦାପନା ପରେ ପୂଜାପଣ୍ଡା ଆଜ୍ଞା ମାଳ ଦେବା ଉତ୍ତାରୁ ଠାକୁର ଠାକୁରାଣୀ ଚନ୍ଦନ ଯାତ୍ରାକୁ ବିଜେ କରିଥିଲେ।

# ପାକିସ୍ତାନୀ କ୍ରିକେଟର ଜୁନୈଦ ଖାନ ଦେଲେ ଉତ୍ତେଜନାପୂର୍ଣ୍ଣ ବୟାନ



ନୂଆଦିଲ୍ଲୀ, ୫।୫ (ହି.ସ): ପହଲଗାମ ଆତଙ୍କବାଦୀ ଆକ୍ରମଣ ପରଠାରୁ, ପାକିସ୍ତାନୀ କ୍ରିକେଟରମାନେ ଲଜ୍ଜାଜନକ ବୟାନ ଦେଇ ଆସୁଛନ୍ତି। ଶାହିଦ ଆଫ୍ରିଦି ଏହି ଆତଙ୍କବାଦୀ ଆକ୍ରମଣ ପାଇଁ ଭାରତୀୟ ସେନାକୁ ଦାୟୀ କରିଥିଲେ। ତଥାପି, ଏବେ ଆଉ ଜଣେ ପାକିସ୍ତାନୀ କ୍ରିକେଟର ଆଉ ଗୋଟିଏ ପାଦ ଆଗକୁ ଯାଇ ଏକ ଉତ୍ତେଜନାପୂର୍ଣ୍ଣ ବୟାନ ଦେଇଛନ୍ତି। ପହଲଗାମ ଆକ୍ରମଣ ପରେ ପୂର୍ବରୁ ତିକ୍ତ ଥିବା ଭାରତ-ପାକିସ୍ତାନ ସମ୍ପର୍କ ଆହୁରି ଖରାପ ହୋଇଛି। ଏହି ଆକ୍ରମଣ ପଛରେ ପାକିସ୍ତାନୀ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହେବା ପରେ, ଭାରତ ସରକାର ଏହା ବିରୁଦ୍ଧରେ ଅନେକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଏଥିରେ ପାକିସ୍ତାନୀ କ୍ରିକେଟରମାନଙ୍କର କପଟତା ମଧ୍ୟ ଦୃଶ୍ୟମାନ ହୁଏ, କେତେବେଳେ ସେମାନେ ଭାରତ ସହିତ କ୍ରିକେଟ ଖେଳିବାକୁ ଭିକ୍ଷା କରନ୍ତି ତ କେତେବେଳେ ମିଥ୍ୟା ଧମକ ଦିଅନ୍ତି। ପହଲଗାମ ଆକ୍ରମଣ ପରେ, ପାକିସ୍ତାନୀ କ୍ରିକେଟର ଜୁନୈଦ ଖାନ ୱାଘା ବର୍ଡରର ଏକ ଭିଡିଓ ସେୟାର କରିଥିଲେ। ଏଥିରେ ସେ ତାଙ୍କ ସେନା ପାଖରେ ଠିଆ ହୋଇଛନ୍ତି। ଏଥିରେ ସେ ପାକିସ୍ତାନୀ ଦଳର ଲୋଗୋ ଥିବା ଏକ ଟି-ସାର୍ଟ ପିନ୍ଧିଛନ୍ତି। ଏହି ଭିଡିଓ ସହିତ ସେ କ୍ୟାପସନରେ ଲେଖିଛନ୍ତି, 'ବାକିମାନେ ବୁଦ୍ଧିମାନ।' ତଥାପି, ଜୁନୈଦ ଖାନଙ୍କ ଏହି ଭିଡିଓଟି ପୁରୁଣା, ଯାହାକୁ ସେ ପହଲଗାମ ଆକ୍ରମଣ ପରେ ପୁଣି ଥରେ ସେୟାର କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଭାରତ ସରକାର ଭାରତରେ ଅନେକ ପାକିସ୍ତାନୀ କ୍ରିକେଟରଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଏବଂ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ଲକ୍ କରିଦେଇଛନ୍ତି। ଭାରତରେ ବାବର ଆଜମ, ମହମ୍ମଦ ରିଜୱାନଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ବ୍ୟାନ୍ କରାଯାଇଥିବା ବେଳେ ସୋଏବ ଅଖତରଙ୍କ ସମେତ ପାକିସ୍ତାନୀ ମିଡିଆ ଚ୍ୟାନେଲଗୁଡ଼ିକର ୟୁଟ୍ୟୁବ୍ ଚ୍ୟାନେଲକୁ ମଧ୍ୟ ଭାରତରେ ବ୍ୟାନ୍ କରାଯାଇଛି। ୩୫ ବର୍ଷୀୟ ଜୁନୈଦ ଖାନ ୨୨ଟି ଟେଷ୍ଟ, ୭୬ଟି ଦିନିକିଆ ଏବଂ ୯ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏଥିରେ ସେ ଯଥାକ୍ରମେ ୭୧, ୧୧୦ ଏବଂ ୮ ୱିକେଟ୍ ନେଇଛନ୍ତି। ସେ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ୨୦୧୯ରେ ଖେଳିଥିଲେ। ବିସିସିଆଇ ଆଇସିସିକୁ ଏକ ଚିଠି ଲେଖି ଦାବି କରିଛି ଯେ, ଆଇସିସି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହିତ ସମାନ ଗ୍ରୁପରେ ସାମିଲ ନହେବା ଉଚିତ। ଭାରତ ପୂର୍ବରୁ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ମ୍ୟାଚ୍ ଖେଳୁନାହିଁ, ଉଭୟ ଦଳ କେବଳ ଆଇସିସି ଟୁର୍ଣ୍ଣାମେଣ୍ଟରେ ପରସ୍ପରର ମୁହାଁମୁହିଁ ହୁଅନ୍ତି। ଏହି ବର୍ଷ, ଏସିଆ କପ୍ ଆୟୋଜନ ହେବାକୁ ଯାଉଛି, ଯାହା ଭାରତ ଦ୍ୱାରା ଆୟୋଜିତ ଏବଂ ଭାରତ ପାକିସ୍ତାନ ସହିତ ସମାନ ଗ୍ରୁପରେ ଅଛି। ଏହାର ପୂର୍ଣ୍ଣ ସମୟସୂଚୀ ଏପର୍ଯ୍ୟନ୍ତ ଆସିନାହିଁ। ତଥାପି ଖବର ଅଛି ଯେ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଭାରତ ବାହାରକୁ ସ୍ଥାନାନ୍ତରିତ ହୋଇପାରେ।

# ମହମ୍ମଦ ଶାମିଙ୍କୁ ହତ୍ୟା ଧମକ

## ତଦନ୍ତ ଆରମ୍ଭ କଲା କ୍ରାଇମବ୍ରାଞ୍ଚ ଟିମ୍




ନୂଆଦିଲ୍ଲୀ, ୫।୫ (ହି.ସ): ଭାରତୀୟ କ୍ରିକେଟର ମହମ୍ମଦ ଶାମିଙ୍କୁ ହତ୍ୟା ଧମକ ଦିଆଯାଇଛି। ୧ କୋଟି ଟଙ୍କା ନ ଦେବାରୁ ଶାମିଙ୍କୁ ଏହି ଧମକ ମିଳିଛି। ଏହି ଭାରତୀୟ କ୍ରିକେଟରଙ୍କୁ ଇ-ମେଲ ମାଧ୍ୟମରେ ହତ୍ୟା ଧମକ ଦିଆଯାଇଛି। ଏହା ଜଣାପଡ଼ିବା ମାତ୍ରେ, ଅମରୋହା କ୍ରାଇମ୍ ବ୍ରାଞ୍ଚ ଟିମ୍ ତଦନ୍ତ ଆରମ୍ଭ କରିଛି। ଧମକ ପାଇବା ପରେ, ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ମହମ୍ମଦ ଶାମି ଅମରୋହା ପୋଲିସକୁ ଏହି ବିଷୟରେ ଜଣାଇଥିଲେ। ଶାମି କହିଛନ୍ତି ଯେ, ସେ ପ୍ରଥମେ ୪ ମଇ ସନ୍ଧ୍ୟାରେ ଏକ ଇମେଲ୍ ପାଇଥିଲେ। ଏହା ପରେ, ସୋମବାର ୫ ମଇ ସକାଳେ ଦ୍ୱିତୀୟ ଇମେଲ୍ ଆସିଥିଲା। ଶାମିଙ୍କ ଭାଇ ମହମ୍ମଦ ହସିବ ପୋଲିସକୁ ଏ ବିଷୟରେ ଲିଖିତ ସୂଚନା ଦେଇଛନ୍ତି। ମହମ୍ମଦ ଶାମି ଅମରୋହା ପୋଲିସରେ ଅଭିଯୋଗ କରିବା ମାତ୍ରେ, ଅମରୋହା କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଆରମ୍ଭ କରିଛି। ପୋଲିସକୁ ମିଳିଥିବା ଅଭିଯୋଗ ଅନୁଯାୟୀ, କର୍ଣ୍ଣାଟକର ପ୍ରଭାକର ନାମକ ଜଣେ ବ୍ୟକ୍ତି ମହମ୍ମଦ ଶାମିଙ୍କୁ ଏକ ମେଲ୍ ପଠାଇଛନ୍ତି, ଯେଉଁଥିରେ ସେ ୧ କୋଟି ଟଙ୍କା ନ ଦେଲେ ତାଙ୍କୁ ହତ୍ୟା କରାଯିବ ବୋଲି ଧମକ ଦିଆଯାଇଛି। ପୋଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି।

# ଆରସିବି ବିପକ୍ଷରେ ଇତିହାସ ରଚିଲେ ୧୭ ବର୍ଷୀୟ ଆୟୁଷ ମହାତ୍ରେ



ନୂଆଦିଲ୍ଲୀ, ୫।୫ (ହି.ସ): ଆୟୁଷ ମହାତ୍ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଇତିହାସ ରଚିଛନ୍ତି। ସେ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଅର୍ଦ୍ଧଶତକ ହାସଲ କରିଥିବା ସବୁଠାରୁ ଯୁବ ଖେଳାଳି ହୋଇଛନ୍ତି। ୧୭ ବର୍ଷୀୟ ଆୟୁଷ ମହାତ୍ରେ ଶନିବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଏକ ଦ୍ରୁତ ଅର୍ଦ୍ଧଶତକ ହାସଲ କରି ଇତିହାସ ରଚିଛନ୍ତି। ଆୟୁଷ, ସୁରେଶ ରାଇନାଙ୍କ ୧୭ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି। ଆୟୁଷ ୧୭ ବର୍ଷ ୨୯୧ ଦିନ ବୟସରେ ଅର୍ଦ୍ଧଶତକ ହାସଲ କରିଥିଲେ। ରାଇନା ୨୦୦୮ ମସିହାରେ ୨୧ ବର୍ଷ ବୟସରେ ୧୪୮ ଦିନ ବୟସରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏଥି ସହିତ, ଆୟୁଷ ଆଇପିଏଲରେ ଅର୍ଦ୍ଧଶତକ ହାସଲ କରିବାରେ ବୈଭବ ସୂର୍ଯ୍ୟବଂଶୀ ଏବଂ ରିୟାନ ପରାଗଙ୍କ ପରେ ତୃତୀୟ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ବୈଭବ ୧୪ ବର୍ଷ ୩୨ ଦିନ ବୟସରେ ଅର୍ଦ୍ଧଶତକ ହାସଲ କରିଥିଲେ, ପରାଗ ୧୭ ବର୍ଷ ୧୭୫ ଦିନ ବୟସରେ ଅର୍ଦ୍ଧଶତକ ହାସଲ କରିଥିଲେ। ଆରସିବି ବିପକ୍ଷରେ ୨୧୪ ରନ୍ ଟାର୍ଗେଟକୁ ପିଛା କରିବା ବେଳେ ଆୟୁଷ ୫୫ ବଲରେ ୯୪ ରନର ଇନିଂସ ଖେଳିଥିଲେ। ଏହି ଇନିଂସରେ ଆୟୁଷ ୯ଟି ଚୌକା ଏବଂ ୫ଟି ଛକା ମାରିଥିଲେ। ଆୟୁଷ ରବିନ୍ଦ୍ର ଜାଡେଜାଙ୍କ ସହ ମିଶି ତୃତୀୟ ୱିକେଟ ସୁଦ୍ଧା ଏକ ଶତକୀୟ ଭାଗୀଦାରି କରିଥିଲେ। ଟାଇମ୍ସ ନାଓ ଅନୁଯାୟୀ, ଶେଷ ଓଭରଗୁଡ଼ିକରେ ଆରସିବି ବୋଲରମାନଙ୍କ ଚମତ୍କାର ବୋଲିଂ ଯୋଗୁଁ ବେଙ୍ଗାଲୁରୁ, ଚେନ୍ନାଇକୁ ୨ ରନରେ ପରାସ୍ତ କରିଥିଲା। ଆରସିବିର ୧୧ଟି ମ୍ୟାଚ୍ ମଧ୍ୟରେ ଏହା ଥିଲା ୮ମ ବିଜୟ। ଆରସିବି ଏବେ ୧୬ ପଏଣ୍ଟ ସହିତ ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚିଛି। ଦଳ ୧୧ଟି ମ୍ୟାଚ୍ ମଧ୍ୟରୁ ସିଏସକେର ୯ମ ପରାଜୟ ଥିଲା। ଚେନ୍ନାଇ ଚାରି ପଏଣ୍ଟ ସହିତ ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ପହଞ୍ଚିଛି। ଦଳ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିସାରିଛି।

# ନିଜ ଦେଶର ସେନାକୁ ଘୃଣା କରନ୍ତି ପାକିସ୍ତାନୀ ଯୁବକ: ଅଦନାନ ସାମି



ନୂଆଦିଲ୍ଲୀ, ୫।୫ (ହି.ସ): ଜମ୍ମୁକାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କ ଆହୁରି ଖରାପ ହୋଇଛି। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ସମୟରେ ପ୍ରସିଦ୍ଧ ବଲିଉଡ ଗାୟକ ଅଦନାନ ସାମିଙ୍କ ଟ୍ୱିଟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସେ ଏକ୍ସରେ ଲେଖିଛନ୍ତି ଯେ, କିଛି ପାକିସ୍ତାନୀ ଯୁବକ ତାଙ୍କୁ କହିଥିଲେ ଯେ, ସେମାନେ ସେମାନଙ୍କ ସେନାକୁ ନାପସନ୍ଦ କରନ୍ତି। କାରଣ ସେନା ହିଁ ସେମାନଙ୍କ ଦେଶକୁ ନଷ୍ଟ କରିଦେଇଛି। ଅଦନାନ ସାମି ରବିବାର (ମେ' ୪) ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି ଯେ, 'ଯେତେବେଳେ ମୁଁ ଆଜରବାଇଜାନର ବାକୁ ସହରରେ ବୁଲୁଥିଲି, ସେତେବେଳେ ମୁଁ ସେଠାରେ କିଛି ପାକିସ୍ତାନୀ ଯୁବକଙ୍କୁ ଭେଟିଥିଲି। ସେମାନେ ମୋତେ କହିଲେ ଯେ, ଆପଣ ବହୁତ ଭାଗ୍ୟବାନ। ଆପଣ ଠିକ୍ ସମୟରେ ପାକିସ୍ତାନ ଛାଡିଛନ୍ତି। ଆମେ ଆମର ନାଗରିକତା ମଧ୍ୟ ପରିବର୍ତ୍ତନ କରିବାକୁ ଚାହୁଁଛୁ। ଆମେ ଆମର ସେନାକୁ ଘୃଣା କରୁ। ସେମାନେ ଆମ ଦେଶକୁ ନଷ୍ଟ କରିଦେଇଛନ୍ତି। ମୁଁ ତାଙ୍କୁ କହିଲି ଯେ, ମୁଁ ଏହା ବହୁତ ଦିନ ଆଗରୁ ଜାଣିଥିଲି।' ଅଦନାନ ସାମି ପୂର୍ବରୁ ପାକିସ୍ତାନର ନାଗରିକ ଥିଲେ। ସେ ୨୦୦୧ରେ ଭାରତ ଆସିଥିଲେ ଏବଂ ଏଠାରେ ସଫଳତା ହାସଲ କରିଥିଲେ। ପରେ ସେ ତାଙ୍କର ପାକିସ୍ତାନୀ ପାସପୋର୍ଟ ପରିତ୍ୟାଗ କରି ୨୦୧୬ରେ ଭାରତୀୟ ନାଗରିକତା ଗ୍ରହଣ କରିଥିଲେ। ସେ ଇଂଲଣ୍ଡରେ ଜନ୍ମଗ୍ରହଣ କରିଥିଲେ କିନ୍ତୁ ତାଙ୍କ ପାଖରେ ପାକିସ୍ତାନୀ ନାଗରିକତା ଥିଲା। ତାଙ୍କ ବାପା, ଅରଶଦ ସାମି ଖାନ ପାକିସ୍ତାନ ବାୟୁସେନାରେ ଜଣେ ପାଇଲଟ୍ ଥିଲେ ଏବଂ ୨୦୦୯ରେ ତାଙ୍କର ମୃତ୍ୟୁ ହୋଇଥିଲା। ଅଦନାନ ସାମି ତାଙ୍କ ଦ୍ୱିତୀୟ ପତ୍ନୀ ରୋୟା ଫାରିଆବିଙ୍କ ସହିତ ଭାରତରେ ରହୁଛନ୍ତି। ସେ ୨୦୧୦ ମସିହାରେ ରୋୟାଙ୍କୁ ବିବାହ କରିଥିଲେ। ପ୍ରକୃତରେ ରୋୟା ତାଙ୍କର ପ୍ରଶଂସକ ଥିଲେ। ଅଦନାନ ଏବଂ ରୋୟାଙ୍କର ଗୋଟିଏ ଝିଅ ଅଛି। ସେମାନଙ୍କ ଝିଅର ନାଁ ମଦିନା ସାମି ଖାନ। ମଦୀନାଙ୍କ ବୟସ ୮ ବର୍ଷ। ରୋୟାଙ୍କ ପୂର୍ବରୁ ଅଦନାନ ସାମି ଜେବାଙ୍କୁ ବିବାହ କରିଥିଲେ। ତାଙ୍କ ପ୍ରଥମ ପତ୍ନୀ ଜେବା ବଖତିଆର ଜଣେ ପାକିସ୍ତାନୀ ଅଭିନେତ୍ରୀ। ଜେବାଙ୍କଠାରୁ ଅଦନାନଙ୍କର ଏକ ପୁଅ ମଧ୍ୟ ଅଛି, ଯାହାଙ୍କ ନାଁ ଆଜାନ ସାମି ଖାନ। ଆଜାନ ମଧ୍ୟ ତାଙ୍କ ବାପାଙ୍କ ପରି ଜଣେ ଗାୟକ ଏବଂ ସେ ଅଭିନୟରେ ମଧ୍ୟ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି।

## ପହଲଗାମ ଆତଙ୍କବାଦୀ ଆକ୍ରମଣ

# ପରସ୍ପର ମଧ୍ୟରେ ଲଢ଼ିଲେ ପାକିସ୍ତାନୀ ଆର୍ଟିଷ୍ଟ



ନୂଆଦିଲ୍ଲୀ, ୫।୫ (ହି.ସ): ପହଲଗାମ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କରେ ତିକ୍ତତା ଶୀର୍ଷରେ ପହଞ୍ଚିଛି। ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିର୍ଦ୍ଦୋଷ ଲୋକ ପ୍ରାଣ ହରାଇଛନ୍ତି। ଏହା ପରେ ଭାରତ ସାରା ବିଶ୍ୱର ଲୋକମାନେ ଏହି ଘଟଣାକୁ ନିନ୍ଦା କରିଛନ୍ତି। ପାକିସ୍ତାନଠାରୁ ପ୍ରତିଶୋଧ ନେବାର ଦାବି ହେଉଛି। ଅନ୍ୟପକ୍ଷରେ ଏହି ଆକ୍ରମଣକୁ ନେଇ ପାକିସ୍ତାନୀ ତାରକାମାନେ ଏବେ ନିଜ ନିଜ ମଧ୍ୟରେ ଲଢୁଥିବା ଦେଖିବାକୁ ମିଳିଛି। ଏପ୍ରିଲରେ ୨୨ରେ ଜମ୍ମୁକାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଯେତେବେଳେ ସାରା ବିଶ୍ୱ ଏହି ଘଟଣାରେ ପ୍ରତିକ୍ରିୟା ଦେଉଥିଲା, ସେତେବେଳେ ଅନେକ ବଡ଼ ବଡ଼ ପାକିସ୍ତାନୀ ତାରକା ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ମାହିରା ଖାନ, ହାନିଆ ଆମିରଙ୍କଠାରୁ ଆରମ୍ଭ କରି ଫୱାଦ ଖାନଙ୍କ ପର୍ଯ୍ୟନ୍ତ ପାକିସ୍ତାନର ଅନେକ ତାରକା ଏହି ଘଟଣାରେ ଦୁଃଖ ପ୍ରକାଶ କରିଥିଲେ। କିନ୍ତୁ ଏହି କଥା ପାକିସ୍ତାନର ଜଣେ ବଡ଼ ଅଭିନେତ୍ରୀ ବୋଲି ବିବେଚିତ ଉର୍ବା ହୁସେନଙ୍କୁ ପସନ୍ଦ ଆସୁନାହିଁ। ଭାରତ ସମସ୍ତ ପାକିସ୍ତାନୀ ତାରକାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲକୁ ନିଷିଦ୍ଧ କରିଛି। ଏହି ସମୟରେ ଉର୍ବା ହୁସେନଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେ ପାକିସ୍ତାନୀ ତାରକାମାନଙ୍କୁ ସମାଲୋଚନା କରୁଥିବାର ଦେଖାଯାଉଛି। ଉର୍ବା ସେହି ପାକିସ୍ତାନୀ ତାରକାମାନଙ୍କୁ ଟାର୍ଗେଟ କରୁଛନ୍ତି ଯେଉଁମାନେ ପହଲଗାମ ଆକ୍ରମଣକୁ ନିନ୍ଦା କରିଥିଲେ ଏବଂ ଦୁଃଖ ପ୍ରକାଶ କରିଥିଲେ। ଉର୍ବାଙ୍କ ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ (ପୂର୍ବରୁ ଟ୍ୱିଟର)ରେ ଭାଇରାଲ ହେଉଛି। ଏଥିରେ ସେ କହୁଛନ୍ତି, 'ଧରନ୍ତୁ ଆପଣଙ୍କ ସାମ୍ନାରେ ଏକ ହତ୍ୟା ଘଟିଛି। ସେଠାରେ ଉପସ୍ଥିତ ସମସ୍ତ ଲୋକ କହୁଛନ୍ତି ଯେ ଆପଣ ଏହା କରିଛନ୍ତି। ତେବେ ଆପଣଙ୍କର ପ୍ରଥମ ପ୍ରତିକ୍ରିୟା କ'ଣ ହେବ? ଆପଣ ପ୍ରଥମେ କହିବେ ଯେ ଏହା ମାନବତା ପାଇଁ ଏକ ବଡ଼ କ୍ଷତି କିମ୍ବା ଆପଣ କହିବେ ଯେ ଆପଣ ମୋତେ ଦୋଷ ଦେବାର ସାହସ କିପରି କଲେ, ଯେତେବେଳେ ମୁଁ ଏହା କରିନଥିଲି।' ଭିଡିଓରେ ଉର୍ବା ହୁସେନ ଆହୁରି କହିଛନ୍ତି, 'ଆମେ ସମସ୍ତେ ଆନ୍ତର୍ଜାତୀୟ ସହଯୋଗ ଉପରେ ବିଶ୍ୱାସ କରୁ। ଏହା ଏକ ବହୁତ ଭଲ କଥା। ଗୋଟିଏ କ୍ଷେତ୍ରରେ ତୁମେ ତୁମର ଦେଶକୁ ଗୌରବାନ୍ୱିତ କରୁଛ। କିନ୍ତୁ ଯେତେବେଳେ କୌଣସି ପରୀକ୍ଷା ଆସେ, ତୁମକୁ ଏକ ପକ୍ଷ ନେବାକୁ ପଡିବ। ତୁମେ କହିପାରିବ ନାହିଁ ଯେ ଆରାମ କର, ଆମେ ଏହାକୁ କରୁଣା ଏବଂ ଶାନ୍ତି ସହିତ ମୁକାବିଲା କରିବା ଉଚିତ। ହଁ, ଆମେ ସମସ୍ତେ ଶାନ୍ତି ଚାହୁଁ।' ଉର୍ବା ହୁସେନ ତାଙ୍କ ଷ୍ଟାରମାନଙ୍କ ବିଷୟରେ ସେମାନଙ୍କ ନାମ ନନେଇ କହିଛନ୍ତି ଯେ, ଯଦି କେହି ତୁମକୁ ଥରେ ତୁମ ଘରୁ ବାହାର କରିଦିଏ, ତେବେ ତୁମେ ପୁଣି ସେଠାକୁ ଯିବ ନାହିଁ। ଏଠାରେ ତୁମକୁ ଅଗଣିତ ଥର ବାହାର କରିଦିଆଯାଇଛି। ଉର୍ବା ଏକ ଭିଡିଓରେ କହିଛନ୍ତି, 'ମୁଁ କାହାର ନାମ ନେଉନାହିଁ, କିନ୍ତୁ ପ୍ରଥମେ ଆତ୍ମସମ୍ମାନ ଆସେ।'

# ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ପବନଦୀପ ରାଜନ



ନୂଆଦିଲ୍ଲୀ, ୫।୫ (ହି.ସ): ଇଣ୍ଡିଆନ ଆଇଡଲ ସିଜିନ ୧୨ର ବିଜେତା ଏବଂ ଉତ୍ତରାଖଣ୍ଡର ବ୍ରାଣ୍ଡ ଆମ୍ବାସାଡର ପବନଦୀପ ରାଜନ ଦିଲ୍ଲୀ-ଲକ୍ଷ୍ନୌ ଜାତୀୟ ରାଜପଥରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ତାଙ୍କର ଦୁଇ ଜଣ ସାଥୀ ମଧ୍ୟ ଏହି ଦୁର୍ଘଟଣାରେ ଆହତ ହୋଇଛନ୍ତି। ଏକ ଘରୋଇ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ତିନି ଜଣଙ୍କୁ ନୋଏଡାକୁ ରେଫର କରାଯାଇଛି। ପବନଦୀପ ରାଜନଙ୍କ ଅବସ୍ଥା ସଙ୍କଟାପନ୍ନ ବୋଲି କୁହାଯାଉଛି। ତାଙ୍କର ଉଭୟ ଗୋଡ ଏବଂ ହାତରେ ଫ୍ରାକ୍ଚର ଅଛି। ଉତ୍ତରାଖଣ୍ଡର ଚମ୍ପାୱାଟ ଜିଲ୍ଲା ଏବଂ ସହରର ସାଇଲେନ ଟକ ନିବାସୀ ଗାୟକ ପବନଦୀପ ରାଜନ, ତାଙ୍କ ବନ୍ଧୁ ଅଜୟ ମାହାର ଏବଂ ଡ୍ରାଇଭର ରାହୁଲ ସିଂହଙ୍କ ସହିତ, ରବିବାର ରାତି ପ୍ରାୟ ୨:୩୦ ସମୟରେ ଏକ କାରରେ ଚମ୍ପାୱାଟରୁ ଦିଲ୍ଲୀ ଯାତ୍ରା କରୁଥିଲେ। ଗଜରୌଲାରେ, ରାଜପଥର ସିଓ ଅଫିସ ସାମ୍ନାରେ ଥିବା କଟରେ ଠିଆ ହୋଇଥିବା ଏକ କ୍ୟାଣ୍ଟରକୁ ପଛରୁ ଏକ କାର ଧକ୍କା ଦେଇଥିଲା। ଡ୍ରାଇଭର ନିଦ ଲାଗିଯିବାରୁ ଏହି ଦୁର୍ଘଟଣା ଘଟିଥିଲା। କାରଟି ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଗାୟକ ପବନଦୀପ ରାଜନଙ୍କ ଉଭୟ ଗୋଡ ଏବଂ ହାତରେ ଫ୍ରାକ୍ଚର ହୋଇଥିଲା। ଡ୍ରାଇଭର ଏବଂ ତାଙ୍କ ସାଥୀ ମଧ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବା ସହିତ ଆହତମାନଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ, ପବନଦୀପ ରାଜନ ଏବଂ ତାଙ୍କ ସାଥୀଙ୍କୁ ନୋଏଡାକୁ ରେଫର କରାଯାଇଥିଲା। ସୂଚନାଯୋଗ୍ୟ, ପବନଦୀପ ରାଜନ ଇଣ୍ଡିଆନ ଆଇଡଲ ୧୨ ଜିତିଥିଲେ ଏବଂ ଏହା ପରେ ଉତ୍ତରାଖଣ୍ଡ ସରକାର ତାଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବରେ ଘୋଷଣା କରିଥିଲେ। ଇନସପେକ୍ଟର ଇନଚାର୍ଜ ଅଖିଳେଶ ପ୍ରଧାନ କହିଛନ୍ତି ଯେ ଗାୟକଙ୍କ କାରର ଡ୍ରାଇଭର ନିଦରେ ଶୋଇପଡ଼ିବାରୁ ଦୁର୍ଘଟଣା ଘଟିଥିଲା। ଗାୟକଙ୍କ ଅବସ୍ଥା ସଙ୍କଟାପନ୍ନ। ତଥାପି, ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନା କରି ଲିଖିତ ଭାବରେ ଦେଇଛନ୍ତି।

# ୧୭ ବର୍ଷ ପରେ ସୈଫ୍, ଅକ୍ଷୟ ଏକାଠି



ମୁମ୍ବାଇ, ୫।୫ (ହି.ସ): ବଲିଉଡର ୨ ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ସୈଫ୍ ଅଲୀ ଖାନ୍ ୧୭ ବର୍ଷର ଲମ୍ବା ଅପେକ୍ଷା ପରେ ପୁଣିଥରେ ବଡ଼ ପରଦାରେ ଏକାଠି ନଜରକୁ ଆସିବେ। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ୨୦୧୬ରେ ରିଲିଜ୍ ହୋଇଥିବା ଅଭିନେତା ମୋହନଲାଲଙ୍କ ସୁପରହିଟ ମାଲୟାଲମ ଫିଲ୍ମ 'ଓପ୍ପମ'ର ହିନ୍ଦୀ ରିମେକରେ ଉଭୟ ଅକ୍ଷୟ ଏବଂ ସୈଫ୍‌ଙ୍କୁ ଏକାଠି ଦେଖିବାକୁ ମିଳିବ। ଏହି ଫିଲ୍ମରେ ଅକ୍ଷୟ ଖଳନାୟକ ଭୂମିକାରେ ଏବଂ ସୈଫ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଏହା ଏକ ସସ୍‌ପେନ୍ସ ଥ୍ରୀଲର ଫିଲ୍ମ ହୋଇଥିବା ବେଳେ ଏଥିରେ ସୈଫ୍ ଏବଂ ଅକ୍ଷୟଙ୍କ ମଧ୍ୟରେ ଜବରଦସ୍ତ ମୁକାବିଲା ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ପ୍ରସିଦ୍ଧ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁଥିବା ଏହି ଫିଲ୍ମର ଶୁଟିଂ ଆସନ୍ତା ଅଗଷ୍ଟରୁ ଆରମ୍ଭ ହେବ। ୨୦୨୬ରେ ଏହି ଫିଲ୍ମକୁ ରିଲିଜ୍ କରାଯିବା ନେଇ ଯୋଜନା ରହିଛି। ପ୍ରକାଶ ଯେ, ୨୦୦୮ରେ ରିଲିଜ୍ ହୋଇଥିବା 'ଟଶନ' ଫିଲ୍ମରେ ଶେଷଥର ପାଇଁ ଉଭୟ ଅକ୍ଷୟ ଏବଂ ସୈଫ୍ ଏକାଠି ନଜରକୁ ଆସିଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik